ବର୍ଷ-୪ ▪ ସଂଖ୍ୟା-୩୦

ଜୁନ୍ ୨୦୨୩

# ଓଡ଼ିଶା-ମୋ ପରିବାର
# ନ୍ୟୁଜ୍ ଲେଟର

## ଭିତର ପୃଷ୍ଠାରେ


- ଭୁବନେଶ୍ୱରରୁ ବରଗଡ଼କୁ ମୃତଦେହ ସ୍ଥାନାନ୍ତର; ସହାୟତା ଯୋଗାଇଲା ଓଡ଼ିଶା-ମୋ ପରିବାର
- କନ୍ଧମାଳକୁ ମୃତଦେହ ସ୍ଥାନାନ୍ତର

ପୃଷ୍ଠା-୨

- ମୃତ୍ୟୁପରେ ମଧ୍ୟ ଚାରିଜଣଙ୍କୁ ନୂଆ ଜୀବନ ଦେଲେ ପ୍ରସନଜିତ
- ମୃତଦେହକୁ ନେବାପାଇଁ ପରିବାର ସଦସ୍ୟଙ୍କୁ ସହାୟତା ପ୍ରଦାନ

ପୃଷ୍ଠା-୩

- ଦୁର୍ଘଟଣାରେ ନିହତଙ୍କ ମୃତଶରୀରକୁ ନିଜଗାଁ ଆସିବାକୁ ସ୍ଥାନାନ୍ତର
- କୋଲକତାରେ ଶେଷକୃତ୍ୟ ସମ୍ପନ୍ନ ପାଇଁ ପରିବାରକୁ ସହାୟତା
- ଚେନ୍ନାଇରୁ ଫେରିଲା ଓଡ଼ିଆଙ୍କ ମୃତଦେହ

ପୃଷ୍ଠା-୪

- ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

ପୃଷ୍ଠା-୫

- ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ
- ଆପାତକାଳରେ ରକ୍ତଦାନ

ପୃଷ୍ଠା-୯

- 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ପୃଷ୍ଠା-୧୦

- ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ପୃଷ୍ଠା-୧୧

- ଭୟାନକ ବାହାନଗା ରେଳ ଦୁର୍ଘଟଣା ଉଦ୍ଧାର କାର୍ଯ୍ୟରେ ଓଡ଼ିଶା-ମୋ ପରିବାର

ପୃଷ୍ଠା-୧୨

- ଆମ ସ୍ୱେଚ୍ଛାସେବୀମାନଙ୍କ ମୁହଁରୁ ସେହି ହୃଦୟ ବିଦାରକ ଦୃଶ୍ୟର ଅନୁଭୂତି

ପୃଷ୍ଠା-୧୪

- ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସେବାରେ ଓଡ଼ିଶା-ମୋ ପରିବାର

ପୃଷ୍ଠା-୧୫

- ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା
- ଜୁନ୍ ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

ପୃଷ୍ଠା-୧୬

...ପୃଷ୍ଠା-୨୪ ପର୍ଯ୍ୟନ୍ତ




**ବାହାନଗାର ଭୟାନକ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଅମର ଆତ୍ମାର ସଦ୍-ଗତି କାମନା କରୁଛି ଓଡ଼ିଶା-ମୋ ପରିବାର** ପୃଷ୍ଠା-୧୨

# ସାଉଦିରୁ ଉଦ୍ଧାର ହେଲେ ଅଭିମନ୍ୟୁ

ଖୋର୍ଦ୍ଧା ଜିଲ୍ଲା ସିକୋ ପଞ୍ଚାୟତର ଅଭିମନ୍ୟୁ ସାମନ୍ତରାୟ, ଗତ ୬ମାସ ତଳେ ନିଜର ପରିବାର ପ୍ରତିପୋଷଣ



ଉଦ୍ଦେଶ୍ୟରେ ସାଉଦି ଆରବର ରିଆଦ ଠାରେ ଜଣଙ୍କ ମାଲିକାନା ରେ ବୁଲଡୋଜର ଡ୍ରାଇଭର ଭାବେ କାମ କରିବାକୁ ଯାଇଥିଲେ। ଦୀର୍ଘ ୬ମାସ ବିତିଯାଇଥିଲେ ମଧ୍ୟ ସେ ତାଙ୍କ ପ୍ରାପ୍ୟ ପାଇନଥିଲେ ଏବଂ ଶାରିରୀକ ଓ ମାନସିକ ନିର୍ଯାତନା ର ଶିକାର ହେଉଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ଯେବେ ସେ ସେଠାରୁ ଓଡ଼ିଶା ଫେରିବାକୁ ଚେଷ୍ଟା କଲେ ତାଙ୍କ ମାଲିକ ତାଙ୍କର ପାସପୋର୍ଟ ମଧ୍ୟ ରଖିଦେଲେ।

ସେଠାରୁ ସେ କୌଣସି ପ୍ରକାରେ ସହାୟତା ପାଇଁ ପ୍ରଥମେ ତାଙ୍କ ଗ୍ରାମର ସରପଞ୍ଚଙ୍କ ସହ ଯୋଗାଯୋଗ କରିଥିଲେ । ପରେ, ସ୍ଥାନୀୟ ସରପଞ୍ଚ ଜୁନ୍ ୬ ତାରିଖରେ ଓଡ଼ିଶା-ମୋ ପରିବାର ର ହେଲ୍ପ ଲାଇନ୍ ନଂ ରେ ଯୋଗାଯୋଗ କରିବାକୁ ସକ୍ଷମ ହୋଇଥିଲେ ଓ ତାଙ୍କୁ ଓଡ଼ିଶା ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ଏହି ଦୁଃଖଦ ଖବର ପାଇବା ପରେ, ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ବାହାରିନ ଓଡ଼ିଆ ସମାଜର ପ୍ରତିଷ୍ଠାତା ତଥା ଓଡ଼ିଶା-ମୋ ପରିବାରର ପ୍ରତିନିଧି ଡଃ ଅରୁଣ କୁମାର ପ୍ରହରାଜଙ୍କ ସହ ଆଲୋଚନା କରାଯାଇଥିଲା। ଡଃ ପ୍ରହରାଜ, ଭାରତୀୟ ରାଷ୍ଟ୍ରଦୂତ

ଅବଶିଷ୍ଟାଂଶ... ପୃଷ୍ଠା-୨

# ଭୁବନେଶ୍ୱରରୁ ବରଗଡ଼କୁ ମୃତଦେହ ସ୍ଥାନାନ୍ତର; ସହାୟତା ଯୋଗାଇଲା ଓଡ଼ିଶା-ମୋ ପରିବାର

ବରଗଡର ୪୧ବର୍ଷୀୟ ବାସିନ୍ଦା ବିକାଶ ପୃଷ୍ଟି ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଭୁବନେଶ୍ୱରର ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ କିନ୍ତୁ ଦୁର୍ଭାଗ୍ୟବଶତଃ, ସେଠାରେ ତାଙ୍କର ଦେହାନ୍ତ ହୋଇଥିଲା। ପରିବାରବର୍ଗ ଓଡ଼ିଶା-ମୋ ପରିବାର ଜୀବନବିନ୍ଦୁ ସଂଯୋଜକ (ବରଗଡ଼) ଶ୍ରୀ ଗୌରହରି ମିଶ୍ରଙ୍କ ନିକଟକୁ ଯାଇ ମୃତଦେହ ସ୍ଥାନାନ୍ତର କରିବାରେ ସାହାଯ୍ୟ ଲୋଡିଥିଲେ।

ଶ୍ରୀ ମିଶ୍ର, ଘଟଣା ସମ୍ପର୍କରେ ଓଡ଼ିଶା- ମୋ ପରିବାରକୁ ଖବର ଦେବା ପରେ ତୁରନ୍ତ ପଦକ୍ଷେପ ନିଆଯାଇ ତାଙ୍କୁ ଆପୋଲୋ ହସ୍ପିଟାଲରେ ଆବଶ୍ୟକୀୟ କାଗଜପତ୍ର ପୂରଣ ଓ ନ୍ୟାୟିକ ପ୍ରକ୍ରିୟାରେ ସାହାଯ୍ୟ କରାଯାଇଥିଲା ଏବଂ ମୃତଦେହକୁ ପୋଷ୍ଟମର୍ଟମ ପାଇଁ କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

ସେଠାରେ, ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଆଲୋକ ଏବଂ ଜ୍ୟୋତି ଏହି ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ଏବଂ ମୃତଦେହକୁ ବରଗଡସ୍ଥିତ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ । ଶେଷ ରୀତିନୀତି ସମୟରେ ଶ୍ରୀ ମିଶ୍ର ପରିବାର ସଦସ୍ୟଙ୍କ କାନ୍ଧରେ କାନ୍ଧ ମିଳାଇ ଛିଡ଼ା ହୋଇଥିଲେ।



ମୃତ ଦେହ ସ୍ଥାନାନ୍ତର ପାଇଁ ଯାତାୟାତ ବ୍ୟବସ୍ଥା

## କନ୍ଧମାଳକୁ ମୃତଦେହ ସ୍ଥାନାନ୍ତର

ବ୍ରେନ୍ ଷ୍ଟ୍ରୋକରେ ପୀଡ଼ିତ ହୋଇ କନ୍ଧମାଳ ଜିଲ୍ଲାର ରାଇକିଆ ନିବାସୀ ଶତ୍ରୁଘ୍ନ ନାୟକ ଭୁବନେଶ୍ୱରର ସମ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଦୁର୍ଭାଗ୍ୟବଶତଃ, ସେ ଜୁନ୍ ୧୩ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଆର୍ଥିକ ଚାପରେ ଥିବା ପରିବାର ବର୍ଗ ମୃତଦେହ ସ୍ଥାନାନ୍ତର କରିବା ପାଇଁ ଶ୍ରୀ ରବୀନ୍ଦ୍ର ସେଠୀଙ୍କର ସାହାଯ୍ୟ ଲୋଡିଥିଲେ। ଶ୍ରୀ ସେଠୀଙ୍କ ଠାରୁ ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା । ସମ୍ ହସ୍ପିଟାଲରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଶିବ ରାଉତ, ପରିବାର ପାଖରେ ପହଞ୍ଚି ପୋଷ୍ଟମର୍ଟମ ସମୟରେ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ଏବଂ ମୃତଦେହକୁ ଡାକ୍ତରଖାନାରୁ କନ୍ଧମାଳସ୍ଥିତ ନିଜ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଯାତାୟାତ ବ୍ୟବସ୍ଥା କରାଇଥିଲେ ।


ମୃତ ଦେହ ସ୍ଥାନାନ୍ତର ପାଇଁ ଯାତାୟାତ ବ୍ୟବସ୍ଥା

*ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ*

### ସାଉଦିରୁ ଉଦ୍ଧାର ହେଲେ ଅଭିମନ୍ୟୁ

କାର୍ଯ୍ୟାଳୟ ଓ ବୈଦେଶିକ ମନ୍ତ୍ରଣାଳୟ ସହ ନିରନ୍ତର ଯୋଗାଯୋଗରେ ରହିଥିଲେ ତଥା ଅଭିମନ୍ୟୁଙ୍କ ନିଜ ରାଜ୍ୟକୁ ଫେରାଇ ଆଣିବା ପାଇଁ ଚେଷ୍ଟା କରିଥିଲେ। ମୁମ୍ବାଇର ଏକ ଏଜେନ୍ସି ମାଧ୍ୟମରେ ବେଆଇନ ଭାବେ ସାଉଦି ଆରବ ଯାଇଥିବାରୁ ତାଙ୍କର ରେଜିଷ୍ଟ୍ରେସନ୍ ବାତିଲ କରାଯାଇଥିଲା । ଏହା ମଧ୍ୟରେ ତାଙ୍କ ମାଲିକ ତାଙ୍କୁ ବହୁ ଥର ଜୀବନରୁ ମାରିଦେବା ଧମକ ଦେଇଥିବାରୁ ଡ଼ଃ ପ୍ରହରାଜଙ୍କ ପକ୍ଷରୁ ତାଙ୍କ ସୁରକ୍ଷା ନିମନ୍ତେ ଭାରତୀୟ ରାଷ୍ଟ୍ରଦୂତ ଦାୟିତ୍ୱରେ ରଖା ଯିବାର ବ୍ୟବସ୍ଥା କରାଯାଇଥିଲା ଓ ତାଙ୍କ ପାସପୋର୍ଟ ଟିକୁ ରଦ୍ଦ କରି ଏକ ଅସ୍ଥାୟୀ ପାସପୋର୍ଟ ତିଆରି କରାଯାଇଥିଲା। ୧୫ଦିନ ପର୍ଯ୍ୟନ୍ତ ନିରନ୍ତର ପ୍ରୟାସ ପରେ ଓଡ଼ିଶା-ମୋ ପରିବାର ଅଭିମନ୍ୟୁଙ୍କ ଓଡ଼ିଶା ଫେରାଇ ଆଣିଥିଲା । ଓଡ଼ିଶା ଫେରିଥିବାରୁ ଏବଂ ତାଙ୍କ ପତ୍ନୀଙ୍କ ଏକଦଶାହ କାର୍ଯ୍ୟ ସମ୍ପନ୍ନ କରି ପାରିବେ ବୋଲି କହି ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ।

# ମୃତ୍ୟୁପରେ ମଧ୍ୟ ଚାରିଜଣଙ୍କୁ ନୂଆ ଜୀବନ ଦେଲେ ପ୍ରସନଜିତ




ପ୍ରସନଜିତଙ୍କ ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଉଛି

ଭୁବନେଶ୍ୱରସ୍ଥିତ ରେଣ୍ଟାଲ କଲୋନୀର ୪୩ବର୍ଷିୟ ବାସିନ୍ଦା ପ୍ରସନଜିତଙ୍କର ଏକ ଦୁର୍ଭାଗ୍ୟଜନକ ଦୁର୍ଘଟଣାରେ ମସ୍ତିଷ୍କରେ ଗଭୀର ଆଘାତ ଲାଗିଥିଲା । ସଂକଟାପନ୍ନ ଅବସ୍ଥାରେ ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ୍ ଏବଂ ପରେ ସମ୍ ଅଲ୍ଟିମେଟ୍ ରେ ଭର୍ତ୍ତି କରାଯାଇଥିଲା ।

ସେଠାରେ ଚିକିତ୍ସାଧିନ ଅବସ୍ଥାରେ ପ୍ରସନଜିତଙ୍କ ଦୁଃଖଦ ଦେହାନ୍ତ ହୋଇଥିଲା। ଯେହେତୁ ଜୀବିତ ଅବସ୍ଥାରେ ପ୍ରସନଜିତ ତାଙ୍କ ଅଙ୍ଗଦାନ ପରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ, ତାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ପ୍ରସନଜିତଙ୍କ ଅଙ୍ଗଦାନ କରିବା ପାଇଁ ଏକ ସାହସିକ ନିଷ୍ପତ୍ତି ନେଇଥିଲେ ପତ୍ନୀ ମୃଦୁମଞ୍ଜରୀ ।

ହସ୍ପିଟାଲ ଏବଂ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରକ୍ରିୟା ଶେଷହେବା ପରେ ଏକ ଡାକ୍ତରୀ ଟିମ୍ ର ପ୍ରାୟ ଚାରିଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ତାଙ୍କ ଶରୀରରୁ କିଡନୀ, ଫୁସଫୁସ ଏବଂ ଯକୃତକୁ କଢ଼ା ଯାଇ ଜୀବିତ ବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିଲା ।

ଏହି ପ୍ରକ୍ରିୟା ଶେଷ ହେବା ପରେ ପରିବାରବର୍ଗ ମୃତଦେହ ସ୍ଥାନାନ୍ତର ନିମନ୍ତେ ଯାତାୟାତ ସହାୟତା ଯୋଗାଇ ଦେବାକୁ ବିଜୁ ଜନତା ଦଳ (ଓଡ଼ିଶା-ମୋ ପରିବାର) ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଅନୁରୋଧ କରିଥିଲେ। ସଙ୍ଗେ ସଙ୍ଗେ ଶ୍ରୀ ସାମନ୍ତରାୟ ସମ୍ ହସ୍ପିଟାଲରେ ପହଞ୍ଚି ଜୟ ଓଡ଼ିଶାର ଶେଷସାଥି ଭ୍ୟାନ ମାଧ୍ୟମରେ ଶବକୁ ଡାକ୍ତରଖାନାରୁ ସ୍ୱର୍ଗ ଦ୍ୱାର ପୁରୀକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିଥିଲେ ।

ଆମେ ସମସ୍ତଙ୍କୁ ନିବେଦନ କରୁଛୁ ଯେ, ଅଙ୍ଗ ଦାନ ପାଇଁ ନିଜ ନାମ ପଞ୍ଜୀକରଣ କରାଇ ଏହି ମହତ୍ ଉଦ୍ଦେଶ୍ୟକୁ ସଫଳ କରନ୍ତୁ ।

# ମୃତଦେହକୁ ନେବାପାଇଁ ପରିବାର ସଦସ୍ୟଙ୍କୁ ସହାୟତା ପ୍ରଦାନ

ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଅଞ୍ଚଳର ୯୦ ବର୍ଷିୟ ଗୋଲକ ଚନ୍ଦ୍ର ବିଶ୍ୱାଳଙ୍କର ଜୁନ୍ ୨୫ତାରିଖରେ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିଲା ।

ଗୋଲକଙ୍କ ପୁଅ, ଯିଏକି ଏକ ପ୍ରମୁଖ ଗଣମାଧ୍ୟମରେ କାର୍ଯ୍ୟରତ କର୍ମଚାରୀ, ଓଡ଼ିଶା-ମୋ ପରିବାର ଦ୍ୱାରା କରାଯାଉଥିବା ସମସ୍ତ ସ୍ୱେଚ୍ଛାକୃତ କାର୍ଯ୍ୟ ସମ୍ପର୍କରେ ଜାଣିବା ପରେ ବିଜୁ ଯୁବ ଜନତା ଦଳ ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ସାମନ୍ତରାୟ (ଓଡ଼ିଶା-ମୋ ପରିବାର)ଙ୍କୁ ତାଙ୍କ ବାପାଙ୍କ ମୃତଦେହ ସ୍ଥାନାନ୍ତର କରିବା ପାଇଁ ଅନୁରୋଧ କରିଥିଲେ ।

ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଶ୍ରୀ ସାମନ୍ତରାୟ, ଟିମ୍ ସହିତ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଡାକ୍ତରଖାନାରୁ ଜଗତସିଂହପୁରସ୍ଥିତ ତାଙ୍କ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ । ଏଭଳି ଦୁଃଖଦ ପରିସ୍ଥିତିରେ ପରିବାର ସହ ଛିଡ଼ା ହୋଇଥିବାରୁ ଗୋଲକଙ୍କ ପୁଅ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।




ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ବ୍ୟବସ୍ଥା

# ଦୁର୍ଘଟଣାରେ ନିହତଙ୍କ ମୃତଶରୀରକୁ ନିଜଗାଁ ଆସିକାକୁ ସ୍ଥାନାନ୍ତର

ଭୁବନେଶ୍ୱରରେ ଦିନ ମଜୁରିଆ ଭାବରେ କାର୍ଯ୍ୟ କରୁଥିବା ଗଞ୍ଜାମ ଜିଲ୍ଲା ଆସ୍କାର ୩୫ବର୍ଷିୟ ବାସିନ୍ଦା ସନ୍ତୋଷ କୁମାର ପଲାଇ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଭୁବନେଶ୍ୱରର ସମ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଦୁର୍ଭାଗ୍ୟବଶତଃ, ସେ ଜୁନ୍ ୨୫ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ସନ୍ତୋଷ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ ଏବଂ ତାଙ୍କ ଚାଲିଯିବା ଦୁଃଖରେ ପରିବାର ବର୍ଗ ଅସହାୟ  ହୋଇ ସ୍ଥାନୀୟ ସରପଞ୍ଚ ଶ୍ରୀ ମନୋଜ ନାହକଙ୍କ ନିକଟକୁ ଯାଇ ମୃତଦେହ ସ୍ଥାନାନ୍ତର ପାଇଁ ସାହାଯ୍ୟ ଲୋଡ଼ିଥିଲେ।

ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା-ମୋ ପରିବାର ଟିମ୍ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଡାକ୍ତରଖାନାରୁ ଗଞ୍ଜାମସ୍ଥିତ ନିଜ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲା ।



ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ବ୍ୟବସ୍ଥା

# କୋଲକତାରେ ଶେଷକୃତ୍ୟ ସମ୍ପନ୍ନ ପାଇଁ ପରିବାରକୁ ସହାୟତା

କେନ୍ଦ୍ରାପଡା ନିବାସୀ ବିଭୁତି ଭୂଷଣ ବିଶ୍ୱାଳ ଗତ ୮ବର୍ଷ ଧରି କୋଲକାତାରେ ରୋଷେୟା ଭାବେ କାମ କରିଆସୁଥିଲେ। ଜୁନ୍ ୨୧ ତାରିଖରେ ପରିବାର ବିଭୁତିଙ୍କ ଦୁଃଖଦ ମୃତ୍ୟୁ ଖବର ପାଇଥିଲେ, ଯାହାଙ୍କର ମୃତଦେହ କୋଲକାତାର ନିହାତି ରେଳ ଷ୍ଟେସନର ଆରପିଏଫ୍ ଦ୍ୱାରା ଉଦ୍ଧାର କରାଯାଇଥିଲା।

ଶୋକସନ୍ତପ୍ତ ପରିବାର ବର୍ଗ ମୃତଦେହ ଫେରାଇ ଆଣିବା ପାଇଁ ଓଡ଼ିଶା-ମୋ ପରିବାରର ସାହାଯ୍ୟ ଲୋଡିଥିଲେ। ଏହାପରେ ତୁରନ୍ତ ପଦକ୍ଷେପ ନିଆଯାଇ କୋଲକାତାରେ ଥିବା ଓଡ଼ିଶା-ମୋ ପରିବାର ପ୍ରତିନିଧି ଶ୍ରୀ ପ୍ରମୋଦ ମହାନ୍ତିଙ୍କ ସହ ଆଲୋଚନା କରାଯାଇଥିଲା ଏବଂ ଶ୍ରୀ ମହାନ୍ତି ସଙ୍ଗେସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସଢ଼ିଯାଇଥିବାରୁ ତାହା ସ୍ଥାନାନ୍ତର ହୋଇପାରିବ ନାହିଁ ବୋଲି ଖବର ଦେବାରୁ ପରିବାର ବର୍ଗ କୋଲକାତାରେ ହିଁ ଶେଷକୃତ୍ୟ ସମ୍ପନ୍ନ କରିବାକୁ ଓଡ଼ିଶା-ମୋ ପରିବାରକୁ ଅନୁରୋଧ କରିଥିଲେ । ପୋଲିସର କ୍ଲିୟରାନ୍ସ ଠାରୁ ଆରମ୍ଭ କରି ଶ୍ମଶାନରେ ଶେଷ ରୀତିନୀତି ସମ୍ପନ୍ନ ହେବା ପର୍ଯ୍ୟନ୍ତ ସମସ୍ତ ଆବଶ୍ୟକୀୟ ପ୍ରକ୍ରିୟାରେ ଶ୍ରୀ ମହାନ୍ତି, ପରିବାରକୁ ସାହାଯ୍ୟ କରିଥିଲେ।


ମୃତକଙ୍କ ପରିବାର ସଦସ୍ୟଙ୍କ ସହିତ ଆମ କୋଲକାତା ପ୍ରତିନିଧି ପ୍ରମୋଦ

# ଚେନ୍ନାଇରୁ ଫେରିଲା ଓଡ଼ିଆଙ୍କ ମୃତଦେହ



ଚେନ୍ନାଇରୁ ମୃତଦେହ ଭୁବନେଶ୍ୱର ପହଞ୍ଚିବାର ଦୃଶ୍ୟ

ମୟୂରଭଞ୍ଜର ୩୨ବର୍ଷିୟ ଭରତ ଚନ୍ଦ୍ର ଦାସ ତେଲେଙ୍ଗାନାରେ ରହି ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। କିଛି ଦୁର୍ଭାଗ୍ୟଜନକ କାରଣରୁ ଭରତ ଆତ୍ମହତ୍ୟା କରିଥିଲେ। ଦୁଃଖଦ ମୃତ୍ୟୁ ବିଷୟରେ ଖବର ପାଇବା ପରେ ପରିବାର ଲୋକ ଅବାକ୍ ହୋଇଯାଇଥିଲେ। ଭରତ ପରିବାରରେ ଏକମାତ୍ର ରୋଜଗାର କରୁଥିବା ସଦସ୍ୟ ହୋଇଥିବାରୁ ତାଙ୍କ ମୃତଦେହକୁ ଫେରାଇ ଆଣିବା ପାଇଁ ପରିବାରବର୍ଗ ଆର୍ଥିକ ଚାପରେ ଥିଲେ। ଚେନ୍ନାଇରୁ ମୃତଦେହ ସ୍ଥାନାନ୍ତର ପାଇଁ ପରିବାରବର୍ଗ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ଶ୍ରୀ ପ୍ରଣବ ପ୍ରକାଶ ଦାଶଙ୍କ ସହାୟତା ଲୋଡ଼ିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଥିଲା ଏବଂ ମୃତଦେହକୁ ତେଲେଙ୍ଗାନାରୁ ଭୁବନେଶ୍ୱର ଦେଇ ମୟୂରଭଞ୍ଜକୁ ସ୍ଥାନାନ୍ତର କରାଯାଇଥିଲା, ମୃତଦେହ ଭୁବନେଶ୍ୱରରେ ପହଞ୍ଚିବା ସମୟରେ ଓଡିଶା- ମୋ ପରିବାର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# ହେଲ୍ଥଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିରଳ ଶ୍ରେଣୀର ରକ୍ତ ପ୍ରଦାନ



ରୋଗୀଙ୍କ ପରିବାର ସଦସ୍ୟ ରକ୍ତ ଗ୍ରହଣ କରୁଛନ୍ତି

କଟକର ୪୬ବର୍ଷିୟା ବାସିନ୍ଦା ଆଲିସାନ୍ ବିବିଙ୍କୁ ତାଙ୍କ ଗର୍ଭାଶୟ ଅପସାରଣ ଅସ୍ତ୍ରୋପଚାର ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

ଅସ୍ତ୍ରୋପଚାର ସମୟରେ ବିରଳ A-ve ରକ୍ତର ବହୁତ ଆବଶ୍ୟକତା ଥିଲା ଯାହା ପରିବାରବର୍ଗ ଯୋଗାଡ଼ କରି ନ ପାରି ଓଡ଼ିଶା-ମୋ ପରିବାରର ସହଯୋଗ ଲୋଡ଼ିଥିଲେ । ତୁରନ୍ତ ସେମାନଙ୍କୁ ରେଡ କ୍ରସ୍ ପକ୍ଷରୁ ଏକ ୟୁନିଟ୍ ରକ୍ତ ଯୋଗାଡ଼ କରି ଦିଆଯାଇଥିଲା । ଓଡ଼ିଶା-ମୋ ପରିବାର ହେଲ୍ଥଡେସ୍କ ସହଯୋଗୀ ସନ୍ଦୀପ ରଥ ଏହି ପ୍ରକ୍ରିୟାକୁ ସଂଯୋଜନା କରିଥିଲେ ।




ଏ. ଚନ୍ଦ୍ରକାନ୍ତ, (୨୮ ବର୍ଷ) ଗାଇନିକ୍ ରୋଗରେ ପୀଡ଼ିତ ହୋଇ ଚିଲିକାସ୍ଥିତ ଆଇ.ଏନ.ଏସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ।ତାଙ୍କୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲା ଏବଂ ବିରଳ A-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା । ସମ୍ପୃକ୍ତ ରକ୍ତ ସେହି ହସ୍ପିଟାଲରେ ଉପଲବ୍ଧ ନଥିଲା । ପରିବାରବର୍ଗ ଅସହାୟ ହୋଇ ଏମ୍.କେ.ସି.ଜି ହସ୍ପିଟାଲରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ଥଡ଼େସ୍କ ସହଯୋଗୀ ଗିରିଜା ଶତପଥୀଙ୍କୁ ରକ୍ତ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ଗିରିଜା ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ତୁରନ୍ତ ତାଙ୍କୁ ୨ ୟୁନିଟ୍ ରକ୍ତ ଯୋଗାଇ ଦେଇଥିଲେ । ଉପଯୁକ୍ତ ସମୟରେ ସେମାନଙ୍କୁ ରକ୍ତ ଯୋଗାଇ ଦେଇଥିବାରୁ ସେମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସହାୟତା



ଡାକ୍ତରଖାନାର ଚିକିତ୍ସାଧିନ ଅବସ୍ଥାରେ ସୁମିତ୍ରା

ଗଞ୍ଜାମ ଜିଲ୍ଲାର ୬୫ ବର୍ଷିୟା ବାସିନ୍ଦା ସୁମିତ୍ରା ପାଣିଗ୍ରାହି ଗଣ୍ଠିରେ ଯନ୍ତ୍ରଣା ଭୋଗୁଥିଲେ ଏବଂ ସଠିକ୍ ଭାବରେ ଚାଲିପାରୁ ନଥିଲେ। ଚିକିତ୍ସା ପାଇଁ ତାଙ୍କୁ ବିଶାଖାପାଟଣାସ୍ଥିତ ଇଣ୍ଡସ୍ ହସ୍ପିଟାଲ୍ କୁ ରେଫର୍ କରାଯାଇଥିଲା।

ସେଠାରେ ଡାକ୍ତର ତାଙ୍କୁ ଦେଖିବା ପରେ ଆଣ୍ଠୁ ପ୍ରତିରୋପଣ ଅସ୍ତ୍ରୋପଚାର କରିବା ପାଇଁ ପରାମର୍ଶ ଦେଇଥିଲେ । ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ରୋଗୀଙ୍କୁ ସମସ୍ତ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ସଂଯୋଜନା କରିଥିଲେ । ରୋଗୀ ସୁସ୍ଥ ହେବା ପରେ ତାଙ୍କୁ ନିରାପଦରେ ଘରକୁ ଫେରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ମଧ୍ୟ କରିଥିଲେ ।

ଲିମ୍ଫୋମା ରୋଗରେ ପୀଡ଼ିତ କୋରାପୁଟ ଜିଲ୍ଲାର ୨୨ବର୍ଷିୟା ସୁମିତ୍ରା ବାଗର୍ତ୍ତୀ ଚିକିତ୍ସା ପାଇଁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇଥିଲେ।
ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ବୁର୍ଲାସ୍ଥିତ ଭୀମସାର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଓଡ଼ିଶା- ମୋ ପରିବାର ହେଲ୍ପଡେସ୍କ ସହଯୋଗୀ, ହିମାଂଶୁ ନାୟକ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ତାଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ଏବଂ ପରବର୍ତ୍ତୀ ଚିକିତ୍ସା ପାଇଁ ବୁର୍ଲା ସ୍ଥାନାନ୍ତର  କରିବାରେ ସାହାଯ୍ୟ କରିଥିଲେ।



ରୋଗୀଙ୍କ ସହିତ ହେଲ୍ପଡେସ୍କ ସହଯୋଗୀ ହିମାଂଶୁ

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ଯାତାୟାତ ସହାୟତା



ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ବ୍ୟବସ୍ଥା

ହୃଦ୍ ରୋଗରେ ପୀଡିତ ବାରିପଦାର ୬୦ବର୍ଷିୟା ବୃଦ୍ଧା ସୁଭଦ୍ରା ସିଂଙ୍କୁ ଚିକିତ୍ସା ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଦୁର୍ଭାଗ୍ୟବଶତଃ, ସେଠାରେ ହୃଦ୍ ଘାତ ହେତୁ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଶୁଭମ୍ ଭଞ୍ଜ ଚିକିତ୍ସା ସମୟରେ ପରିବାରକୁ ସାହାଯ୍ୟ କରିଥିଲେ ଏବଂ ଡାକ୍ତରଖାନାରୁ ସେମାନଙ୍କ ବାସଭବନକୁ ସ୍ଥାନାନ୍ତର ପାଇଁ ଯାତାୟାତ ବ୍ୟବସ୍ଥା ମଧ୍ୟ କରିଥିଲେ।

ଗଜପତି ଜିଲ୍ଲା ଆର୍.ଉଦୟଗିରିର ୪୨ବର୍ଷିୟା ବାସିନ୍ଦା ସବିତା ଲିମାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁରସ୍ଥିତ ଏମ୍.କେ. ସି.ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଦୁର୍ଭାଗ୍ୟବଶତଃ, ସେ ଜୁନ୍ ୧୦ତାରିଖ ମଧ୍ୟରାତ୍ରିରେ ଚିକିତ୍ସିତ ହେଉଥିବାବେଳେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଶୋକସନ୍ତପ୍ତ ପରିବାରବର୍ଗ ମୃତଦେହକୁ ସ୍ଥାନାନ୍ତର କରିବା ପାଇଁ ଆର୍ଥିକ ଚାପରେ ଥିଲେ ଏବଂ ଏଥିପାଇଁ ସେମାନେ ବିଧାୟକ ଶ୍ରୀ ବିକ୍ରମ ପଣ୍ଡାଙ୍କ ସାହାଯ୍ୟ ଲୋଡ଼ିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଗିରିଜା ଶତପଥୀ ତୁରନ୍ତ ହସ୍ପିଟାଲରେ ପହଞ୍ଚି ମୃତଦେହକୁ ଗଜପତିସ୍ଥିତ ନିଜ ଗ୍ରାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ।



ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ବ୍ୟବସ୍ଥା

# ହେଲ୍ଥଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ଯାତାୟାତ ସହାୟତା




ମୃତଦେହ ସ୍ଥାନାନ୍ତର ପାଇଁ ଯାତାୟାତ ବ୍ୟବସ୍ଥା

କିଡ଼ନୀ ରୋଗରେ ପୀଡିତ କଳାହାଣ୍ଡି ଜିଲ୍ଲା ପାଣି ଗାଁ ଅଞ୍ଚଳର ୫୨ବର୍ଷିୟା ସାବିତ୍ରୀ ମାଝିଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ଥଡେସ୍କ ସହଯୋଗୀ ରୋଜାଲିନ୍ ପଣ୍ଡା ଚିକିତ୍ସା ସମୟରେ ରୋଗୀକୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ଦୁର୍ଭାଗ୍ୟବଶତଃ, ସେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ଏବଂ ପରିବାରବର୍ଗ ସେମାନଙ୍କୁ ପରବର୍ତ୍ତୀ ପ୍ରକ୍ରିୟାରେ ସାହାଯ୍ୟ କରିବାକୁ ରୋଜାଲିନଙ୍କ ସହାୟତା ଲୋଡ଼ିଥିଲେ। ରୋଜାଲିନ୍ ମଧ୍ୟ ସେମାନଙ୍କ ଦୁଃଖରେ ଭାଗୀ ହୋଇ ମୃତଦେହକୁ ହସ୍ପିଟାଲରୁ ପାଣି ଗାଁସ୍ଥିତ ବାସଭବନକୁ ସ୍ଥାନାନ୍ତର କରିବାରେ ବ୍ୟବସ୍ଥା କରିଥିଲେ।

## ଦୁଇପାଦ ଆଗକୁ

ପୁରୀ ଜିଲ୍ଲା ନିମାପଡ଼ା ଅଞ୍ଚଳର ବାସିନ୍ଦା ବିଜିରାମ ଜେନା (୮୨ବର୍ଷ) ଏକାଧିକ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ହସ୍ପିଟାଲରେ ତାଙ୍କର ଯତ୍ନ ନେବା ପାଇଁ କୌଣସି ସଦସ୍ୟ ନଥିଲେ । ଓଡ଼ିଶା-ମୋ ପରିବାର ହେଲ୍ଥଡ଼େସ୍କ ସହଯୋଗୀ ସୋମନାଥ ତାଙ୍କ ବିଷୟରେ ଜାଣିବା ପରେ, ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ ଏବଂ ନିୟମିତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଥିଲେ । ବିଜିରାମ ସୁସ୍ଥ ହେବା ପରେ , ତାଙ୍କ ଗାଁ'କୁ ଫେରିଯିବା ପାଇଁ ଚାହିଁଥିଲେ କିନ୍ତୁ ତାଙ୍କ ପାଖରେ ପଇସା ନଥିବାରୁ ସେ ଘରକୁ ଫେରି ପାରୁ ନଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ବିଜିରାମଙ୍କୁ ଘରକୁ ଫେରିବା ନିମନ୍ତେ ଯାତାୟାତ ସହାୟତା ଯୋଗାଇ ଦିଆଯାଇଥିଲା ଏବଂ ହେଲ୍ଥଡ଼େସ୍କ ସହଯୋଗୀ ସୋମନାଥ ବିଜିରାମଙ୍କୁ ନିଜ ପୁଅ ଭଳି ସେବା କରିଥିବାରୁ ସେ ଅଶେଷ ଧନ୍ୟବାଦ ଜଣାଇଥିଲେ ।



ଏମ୍ସ, ଭୁବନେଶ୍ୱରରେ ବିଜିରାମଙ୍କୁ ଚିକିତ୍ସାରେ ସହାଯ୍ୟ କରୁଛନ୍ତି ସୋମନାଥ

# ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ

୧ କେନ୍ଦ୍ରାପଡ଼ା ଜିଲ୍ଲା ପଦମପୁର ଅଞ୍ଚଳର ୨୯ବର୍ଷିୟ ଯୁବକ ତାପସ ଦାସ ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ମେକାନିକ ଭାବେ କାର୍ଯ୍ୟ କରୁଥିଲେ । ଗତ ୨୦୧୪



ମସିହାରେ ସେ କାମ କରୁଥିବା ସମୟରେ ହଠାତ୍ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ତାଙ୍କର ଡାହାଣ ଗୋଡ଼ର ତଳଭାଗ ହରାଇଥିଲେ । ସେ ଏକ କୃତ୍ରିମ ଗୋଡ଼ ବ୍ୟବହାର କରିଥିଲେ ହେଁ କିଛିଦିନ ପରେ ତାହା ନଷ୍ଟ ହୋଇଯାଇଥିଲା ।

ପରେ, ତାଙ୍କୁ ଏକ କୃତ୍ରିମ ଗୋଡ ଯୋଗାଇ ଦେବା ପାଇଁ ସେ ମାନ୍ୟବର ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଅନୁରୋଧ କରିଥିଲେ । ଶ୍ରୀ ନାୟକ, ଏହି ବିଷୟକୁ ଗୁରୁତ୍ୱ ଦେଇ ଘଟଣା ସମ୍ପର୍କରେ ତଦାରଖ କରିବା ପାଇଁ ଓଡ଼ିଶା-ମୋ ପରିବାରକୁ ସୂଚନା ଦେଲା ପରେ ତୁରନ୍ତ ପଦକ୍ଷେପ ନିଆଯାଇ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି ଏକ କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଥିଲା। କୃତ୍ରିମ ଗୋଡ଼ ପାଇବା ପରେ ତାପସ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି।

୨ କେଉଁଝର ଜିଲ୍ଲାର ୩୨ବର୍ଷିୟା ପ୍ରମିଳା ପଲେଇ ପିଲାଦିନେ ରୋଷେଇ ଘରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ଯେଉଁଠାରେ ତାଙ୍କର ଦୁଇ ଗୋଡରେ ଗଭୀର ଆଘାତ ଲାଗିଥିଲା। ବୟସ ବଢିବା ସହିତ, ଘା' ସେପ୍ଟିକ୍ ହୋଇଗଲା । ଦୁର୍ଭାଗ୍ୟବଶତଃ, ପରବର୍ତ୍ତୀ ସମୟରେ ତାଙ୍କ ଗୋଡ କାଟି ଦିଆଗଲା ।

ସେ ପୂର୍ବରୁ କେବେହେଲେ କୃତ୍ରିମ ଗୋଡ଼ ବ୍ୟବହାର କରିନଥିଲେ । ଓଡ଼ିଶା-ମୋ ପରିବାର ଦ୍ୱାରା କୃତ୍ରିମ ଅଙ୍ଗ ଯୋଗାଣ ସମ୍ବନ୍ଧରେ ସୂଚନା ପାଇବା ପରେ, ତାଙ୍କୁ କୃତ୍ରିମ ଗୋଡ଼ ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ତୁରନ୍ତ ପଦକ୍ଷେପ ନିଆଯାଇ ପ୍ରମିଳାଙ୍କୁ ସଙ୍ଗେ ସଙ୍ଗେ କେନ୍ଦୁଝରସ୍ଥିତ ଡ଼ି.ଡ଼ି.ଆର.ସି ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । କୃତ୍ରିମ ଗୋଡ଼ ଲାଗିବା ପରେ ସେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ କୃତଜ୍ଞତା ଜଣାଇଛନ୍ତି।



ପୂର୍ବରୁ



ପରେ

## ଆପାତକାଳରେ ରକ୍ତଦାନ



ଜଣେ କିଡ଼ନୀ ରୋଗୀଙ୍କ ପାଇଁ ଆମ ହେଲ୍ପଡେସ୍କ ସହଯୋଗୀ ଶୁଭମ ଭଞ୍ଜଙ୍କ ଦ୍ୱାରା ରକ୍ତଦାନ



ଜଣେ ରୋଗୀଙ୍କ ଅସ୍ତ୍ରୋପଚାର ପାଇଁ ଆମ ହେଲ୍ପଡେସ୍କ ସହଯୋଗୀ ହିମାଂଶୁଙ୍କ ଦ୍ୱାରା ବିରଳ ରକ୍ତଦାତା ଯୋଗାଡ଼



ଜଣେ ରକ୍ତହୀନତା ରୋଗୀଙ୍କ ପାଇଁ ଆମ ହେଲ୍ପଡେସ୍କ ସହଯୋଗୀ ବିଶ୍ୱଙ୍କ ଦ୍ୱାରା ରକ୍ତଦାତା ଯୋଗାଡ଼

# 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ଓଡ଼ିଶା-ମୋ ପରିବାର, 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ ମାଧ୍ୟମରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରି ଡାକ୍ତରଖାନାରେ ଆବଶ୍ୟକ ପଡୁଥିବା ରକ୍ତ ପାଇଁ ସମସ୍ତ ରକ୍ତ ଭଣ୍ଡାରରେ ସଠିକ୍ ଷ୍ଟକ୍ ବଜାୟ ରଖୁଛି । ବ୍ଲଡ୍ ବ୍ୟାଙ୍କଗୁଡିକର କ୍ଷମତା,ବର୍ତ୍ତମାନର ଷ୍ଟକ୍ ଏବଂ ଆବଶ୍ୟକତାକୁ ବିଚାରକୁ ନେଇ ଗତ ଜୁନ୍ ମାସରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତଦାନ ଶିବିର ଆୟୋଜନ କରାଯାଇ ସମୁଦାୟ ୮୨୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।




ଜିଲ୍ଲା ସ୍ତରରେ ରକ୍ତ ସଂଗ୍ରହ (ୟୁନିଟ୍ ରେ)




## ଶ୍ରେଷ୍ଠ ପ୍ରଦର୍ଶନକାରୀ

### ଜିଲ୍ଲା ସଂଯୋଜକ

**ଜୁନ୍ ୨୦୨୩**



ଶ୍ରୀ ବିମଳ ଚନ୍ଦ୍ର ଦାସ

ଯାଜପୁର - ୨୧୬୨



ଶ୍ରୀ ରଞ୍ଜନ ବିଶ୍ୱାଳ

କଟକ ନଗର - ୧୯୧୪



ଶ୍ରୀ ସୁବାସ ମହାରଣା

ଗଞ୍ଜାମ - ୮୯୭

# ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ସଠିକ୍ ସମୟରେ ଯୋଗାଇ ଦିଆଯାଇଥିବା ରକ୍ତ ମୂଲ୍ୟବାନ ଜୀବନ ରକ୍ଷା କରେ । ଓଡ଼ିଶା-ମୋ ପରିବାର ଏହାର "ବ୍ଲଡ଼ ପାଇଁ ଡାଏଲ୍/ଟ୍ୱିଟ" ଇ-ସର୍ଭିସ ପ୍ଲାଟଫର୍ମ ଜରିଆରେ ରକ୍ତ ପାଇଁ ଆସୁଥିବା ଅନୁରୋଧକୁ ଡିଜିଟାଲ ଫୋରମ ମାଧ୍ୟମରେ ପୂରଣ କରୁଛି । ଗତ ଜୁନ ମାସରେ 'ଓଡ଼ିଶା-ମୋ ପରିବାର' ଜରୁରୀକାଳୀନ ପରିସ୍ଥିତିରେ ୧୪୦ ଜଣଙ୍କୁ ରକ୍ତ ଯୋଗାଇ ଦେଇଛି । ଯେଉଁମାନଙ୍କ ମଧ୍ୟରୁ ୧୭ ଜଣଙ୍କୁ ଦୁର୍ଲଭ ରକ୍ତ ଯୋଗାଇ ଦିଆଯାଇଛି ।

| କ୍ର.ସଂଖ୍ୟା | ରୋଗୀଙ୍କ ନାମ | ବୟସ | ଆବଶ୍ୟକୀୟ ରକ୍ତ ୟୁନିଟ୍ | ପ୍ରଦାନ କରାଯାଇଥିବା ରକ୍ତ ୟୁନିଟ୍ | ଗ୍ରୁପ୍ | ସ୍ଥାନ |
|---|---|---|---|---|---|---|
| ୧ | ଗୋପାଳ ରାଣା | ୫୧ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୨ | ମୁନିମା ପ୍ରଧାନ | ୨୨ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୩ | ସୁକେଶି ସାହୁ | ୨୫ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୪ | ଆଲିସାନ ଭୋଇ | ୪୬ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | କଟକ |
| ୫ | ଅଜିତ ଦାସ | ୨୯ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୬ | କୁନି ଜେନା | ୨୯ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୭ | ନାରାୟଣ ନାୟକ | ୫୭ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | କଟକ |
| ୮ | ବିଦ୍ୟୁଲତା ମହାରଣା | ୬୭ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୯ | ସେଖ୍ ମଜୁର | ୨୫ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | କଟକ |
| ୧୦ | ଉଷାବତୀ ମଲ୍ଲିକ | ୨୧ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ବ୍ରହ୍ମପୁର |
| ୧୧ | ପ୍ରିୟାଂଶୁ ସାହୁ | ୫୪ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | କଟକ |
| ୧୨ | ନିରୁପମା ନାୟକ | ୬୨ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | କଟକ |
| ୧୩ | ତିଳୋତ୍ତମା ସୁନାନି | ୪୫ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୧୪ | ନିତ୍ୟାନନ୍ଦ ସେନାପତି | ୬୯ ବର୍ଷ | ୨ ୟୁନିଟ୍ ରକ୍ତ | ୨ ୟୁନିଟ୍ ରକ୍ତ ପ୍ରଦାନ | B- | କଟକ |
| ୧୫ | ମୋହିଦ୍ ତସଲିମ୍ | ୪୮ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୧୬ | ନିରାକାର ବେହେରା | ୫୬ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କଟକ |
| ୧୭ | ମାଳତୀ ଘୋଷ | ୬୦ ବର୍ଷ | ୧ ୟୁନିଟ୍ ରକ୍ତ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଭୁବନେଶ୍ୱର |



# ଭୟାନକ ବାହାନଗା ରେଳ ଦୁର୍ଘଟଣା ଉଦ୍ଧାର କାର୍ଯ୍ୟରେ ଓଡ଼ିଶା-ମୋ ପରିବାର



## ଉଦ୍ଧାର କାର୍ଯ୍ୟରେ ଜଡ଼ିତ ଓଡ଼ିଶା-ମୋ ପରିବାରର ସ୍ୱେଚ୍ଛାସେବୀ

ଦୁର୍ଘଟଣା ଘଟିବା ରାତିରେ ଉଦ୍ଧାର କାର୍ଯ୍ୟ ନିମନ୍ତେ ଏବଂ ମଧ୍ୟରାତ୍ରିରେ ରକ୍ତର ବହୁଳ ଆବଶ୍ୟକତା ପଡୁଥିବା ବିଷୟରେ ଓଡ଼ିଶା- ମୋ ପରିବାରକୁ ଅନେକ କଲ୍ ଆସିଥିଲା । ପୀଡିତଙ୍କୁ ଉଦ୍ଧାର କରିବା ଏବଂ ମୃତଦେହକୁ ସ୍ଥାନାନ୍ତର କରିବା ପାଇଁ ଶ୍ରୀ ଶୁଭେନ୍ଦୁ ମଙ୍ଗରାଜ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ।

## ବାଲେଶ୍ୱରଠାରେ ଓଡ଼ିଶା-ମୋ ପରିବାରର ହେଲ୍ପଡେସ୍କ ସ୍ଥାପନ

ଜୁନ୍ ୩ ତାରିଖରେ ଯୁଗ୍ମ ସଂପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କ ନେତୃତ୍ୱରେ ଏକ ୧୦ଜଣିଆ ଟିମ୍ ତୁରନ୍ତ ବାଲେଶ୍ୱରରେ ପହଞ୍ଚି ପୀଡିତ ଓ ସେମାନଙ୍କ ପରିବାରକୁ ସାହାଯ୍ୟ କରିବା ପାଇଁ ବାଲେଶ୍ୱର ଅଭିମୁଖେ ବାହାରିଥିଲେ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ତୁରନ୍ତ ଏକ ହେଲ୍ପଡେସ୍କ ସ୍ଥାପନ କରାଯାଇଥିଲା |





## ମୃତଦେହ ଗୁଡ଼ିକୁ ସ୍ଥାନାନ୍ତରରେ ସ୍ୱେଚ୍ଛାସେବୀ ମାନଙ୍କ ସହାୟତା

ଟିମ୍ ର କିଛି ସଦସ୍ୟ NOCCi ବାଣିଜ୍ୟ କେନ୍ଦ୍ରର ଗୋଦାମକୁ ଯାଇଥିଲେ, ଯେଉଁଠାରେ ଶବଗୁଡିକ ପ୍ରଥମ ସ୍ତରର ପରିଚୟ ପାଇଁ ରଖା ଯାଉଥିଲା, ସେଠାରେ ପ୍ରଶାସନ ଏବଂ ମୃତକଙ୍କ ପରିବାର ମଧ୍ୟରେ ସମନ୍ୱୟ ରକ୍ଷା କରି ସଂଯୋଜନା କରିଥିଲେ ।

## ଡାକ୍ତରଖାନାରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପୀଡ଼ିତମାନଙ୍କୁ ଆବଶ୍ୟକୀୟ ସହାୟତା

ଏକ ଟିମ୍ ହସ୍ପିଟାଲର ବିଭିନ୍ନ ୱାର୍ଡକୁ ଯାଇ ଚିକିତ୍ସିତ ହେଉଥିବା ପୀଡିତଙ୍କ ବିବରଣୀ ସଂଗ୍ରହ କରିବା ଆରମ୍ଭ କରିବା ସହିତା ପୀଡ଼ିତମାନଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ ।





## ସହାୟତା ଯୋଗାଇବା ପାଇଁ କଟକରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସ୍ଥାପନ

କଟକ ବଡ଼ ମେଡ଼ିକାଲରେ ଖାଦ୍ୟ ଏବଂ ଜଳ ବଣ୍ଟନ, ପରିବାରକୁ ସେମାନଙ୍କର ପ୍ରିୟଜନଙ୍କୁ ଖୋଜିବାରେ ସହାୟତା ଏବଂ ପ୍ରଶାସନ ସହିତ ସମନ୍ୱୟ ରକ୍ଷାକରି ଭିଡ଼କୁ ନିୟନ୍ତ୍ରଣରେ ସାହାଯ୍ୟ କରାଯାଇଥିଲା ।

## ଏମ୍ସ, ଭୁବନେଶ୍ୱରରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସ୍ଥାପନ

ଏମ୍ସ, ଭୁବନେଶ୍ୱର ର ଶବ ବ୍ୟବଚ୍ଛେଦ ବିଭାଗ ନିକଟରେ ୪ଦିନ ପାଇଁ ଓଡ଼ିଶା-ମୋ ପରିବାର ଦ୍ୱାରା ୨୪ଘଣ୍ଟିଆ ହେଲ୍ପଡ଼େସ୍କ ସ୍ଥାପନା କରାଯାଇ ସମଗ୍ର ପ୍ରକ୍ରିୟାରେ ନିୟୋଜିତ କର୍ମଚାରୀ ଏବଂ ମୃତକଙ୍କ ପରିବାରକୁ ସାହାଯ୍ୟ କରିବା ସହିତ ସେମାନଙ୍କୁ ଖାଦ୍ୟପେୟ ଯୋଗାଇ ଦିଆଯାଇଥିଲା ।





## ମୃତଦେହ ଚିହ୍ନଟରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସହାୟତା

**ଏମ୍ସ, ଭୁବନେଶ୍ୱର ଠାରେ** ମୃତକଙ୍କ ପରିବାରକୁ ଶବ ଚିହ୍ନଟ କରିବାରେ ସାହାଯ୍ୟ କରିବା ସହ ମୃତଦେହ ପାଇବା ପାଇଁ ସେମାନଙ୍କୁ ପରବର୍ତ୍ତୀ ପ୍ରକ୍ରିୟା ସହିତ ସଂଯୋଜନା କରାଯାଇଥିଲା

# ପୀଡ଼ିତମାନଙ୍କ ପାଇଁ ଜରୁରୀକାଳୀନ ରକ୍ତଦାନ ଶିବିର

ବାଲେଶ୍ୱର, କଟକ, ଭୁବନେଶ୍ୱର, ଅନୁଗୋଳ, ବରଗଡ଼, ଯାଜପୁର, ସୁବର୍ଣ୍ଣପୁର, ଖୋର୍ଦ୍ଧା ଏବଂ କୋରାପୁଟଠାରେ ଆହତମାନଙ୍କ ପାଇଁ ୫ ଦିନ ପର୍ଯ୍ୟନ୍ତ ରକ୍ତଦାନ ଶିବିର ଆୟୋଜନ କରାଯାଇ ୩୦୦୦ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ ହୋଇଥିଲା ।



କଟକ ବଡ଼ ମେଡ଼ିକାଲରେ ଜୀବନବିନ୍ଦୁ କଟକ-ନଗର ଜିଲ୍ଲା ସଂଯୋଜକ ଶ୍ରୀ ରଞ୍ଜନ ବିଶ୍ୱାଳଙ୍କ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିର



କଟକରେ ଜୀବନବିନ୍ଦୁ କଟକ ଜିଲ୍ଲା ସଂଯୋଜକ ତଥା ପୂର୍ବତନ ବିଧାୟକ ଶ୍ରୀ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିର



ଜୀବନବିନ୍ଦୁ ଯାଜପୁର ଜିଲ୍ଲା ସଂଯୋଜକ ଶ୍ରୀ ବିମଳ ଚନ୍ଦ୍ର ଦାସଙ୍କ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିର

# ଆମ ସ୍ୱେଚ୍ଛାସେବୀମାନଙ୍କ ମୁହଁରୁ ସେହି ହୃଦୟ ବିଦାରକ ଦୃଶ୍ୟର ଅନୁଭୂତି



ରାତି ପାଖାପାଖି ୯ଟା ସମୟରେ ମୁଁ ଶୁଣିବା କୁ ପାଇଲି ଯେ ବାହାନାଗା ଟ୍ରେନ ଦୁର୍ଘଟଣାରେ ଅନେକ ଲୋକ ଆହତ ହୋଇଛନ୍ତି । ତା'ପର ଦିନ ସାର ଙ୍କ ନିର୍ଦ୍ଦେଶରେ ବାହାରିଗଲୁ ବାହାନାଗା । NOCCi ରେ ପହଞ୍ଚି ଦେଖିବାକୁ ପାଇଲୁ ଶବକୁ ସ୍ଥାନାନ୍ତର କରାଯାଉଛି । NOCCi ରେ ଟ୍ରକ ମାଧ୍ୟମରେ ଶବ ମାନଙ୍କୁ ଅଣାଯାଉଥିଲା ସେହି ସମୟରେ ଟ୍ରକ ରୁ ତଳକୁ ଆଣିବା ପାଇଁ BMC କର୍ମଚାରୀ ସେଠି ସାହାଯ୍ୟ କରୁଥିଲେ। ସେହି ସମୟରେ ଏତେ ଦୁର୍ଗନ୍ଧ ହେଉଥିଲା କିନ୍ତୁ ସେହି ଦୁର୍ଗନ୍ଧକୁ ଖାତିର ନ କରିକି ମୁଁ ଟ୍ରକ ଉପରେ ଚଢିକି ଶବ ସ୍ଥାନାନ୍ତର କରିବାରେ ସାହାଯ୍ୟ କଲି ..ସେହି ମୁହୂର୍ତ୍ତ ମୋ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଶବଗୁଡ଼ିକୁ ଦେଖି ବହୁତ ଦୁଃଖ ଅନୁଭବ କଲି କିନ୍ତୁ ବିଧିର ବିଧାନକୁ କେହି କିଛି କରିପାରିବେ ନାହିଁ ବୋଲି ଭାବି ନିଜ କର୍ତ୍ତବ୍ୟରେ ଲାଗି ପଡ଼ିଲି ।

**- ସୁବ୍ରତ ପାତିକା**



ଓଡ଼ିଶା-ମୋ ପରିବାରରେ ମୁଁ କାମ କରିବା ଦିନଠୁ ଗୋଟିଏ କଥା ଶିଖିଥିଲି, ଯେତେବେଳେ ଲୋକମାନଙ୍କୁ ଆମ ସଂଗଠନର ସାହାଯ୍ୟ ଆବଶ୍ୟକ ହେବ, ତେବେ ଦିନ,ରାତି, ଖରା, ବର୍ଷାକୁ ଖାତିର ନକରି ଆମେ ସେମାନଙ୍କୁ ସାହାଯ୍ୟ ଯୋଗାଇବା । ଏହି ପରିପ୍ରେକ୍ଷିରେ ମୁଁ ମୋ ନିଜକୁ ସର୍ବଦା ପ୍ରସ୍ତୁତ ରଖିଥାଏ । ଜୁନ୍ ୨ତାରିଖରେ ଯେବେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଗଲା, ଅନେକ ନିରୀହ ମଣିଷ ବଳି ପଡ଼ିଗଲେ । ଜୁନ୍ ୪ତାରିଖରେ ସାର୍ ଙ୍କ ନିର୍ଦ୍ଦେଶକ୍ରମେ ଆମେ ବାଲେଶ୍ୱରସ୍ଥିତ ବାହାନଗା ଯାଇଥିଲୁ । ସେଠାକାର ପରିସ୍ଥିତି ଅତ୍ୟନ୍ତ ହୃଦୟ ବିଦାରକ ଥିଲା । ସହସ୍ରାଧିକ ଆହତ ମାନଙ୍କ କରୁଣ ପରିସ୍ଥିତିକୁ ବର୍ଣ୍ଣନା କରିବା ମୋ ପକ୍ଷେ ସହଜ ନୁହେଁ । ମୁଁ ନିଜକୁ ଆଶୀର୍ବାଦପ୍ରାପ୍ତ ଭାବୁଛି, କାରଣ ଓଡ଼ିଶା-ମୋ ପରିବାର ମାଧ୍ୟମରେ ଲୋକମାନଙ୍କର କିଛି ସେବା କରିପାରିଲି । ମୃତବ୍ୟକ୍ତି ଚିହ୍ନଟ ପାଇଁ ବି.ଏମ୍.ସି ସହିତ ସଂଯୋଜନା କରି ସମ୍ପୃକ୍ତ ପରିବାର ସଦସ୍ୟଙ୍କୁ ମାର୍ଗଦର୍ଶନ କରାଇବା ବେଳେ ଆଖିରେ ଲୁହ ଆସି ଯାଉଥିଲା । ମୋ ଜୀବନରେ ମୁଁ ପ୍ରଥମ ଥର ପାଇଁ ଏଭଳି ବଡ଼ ଦୁର୍ଘଟଣା ଦେଖିଲି । ଯାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା । ତଥାପି ମୁଁ ଭଗବାନ ଏବଂ ଓଡ଼ିଶା-ମୋ ପରିବାରକୁ ଧନ୍ୟବାଦ ଦେଉଛି, ଯିଏକି ମୋତେ ଏହି ଦୁର୍ଘଟଣାରେ ଜନ ସେବା କରିବାର ସୁଯୋଗ ଦେଲେ । ପରିଶେଷରେ ଗୋଟିଏ ପ୍ରାର୍ଥନା, ମୃତକଙ୍କ ପରିବାର ବର୍ଗଙ୍କୁ ଭଗବାନ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ କରନ୍ତୁ ଏବଂ ଆହତ ମାନେ ଅତି ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ । **- ମାନସୀ ରାୟ**



ଜୁନ 2 ତାରିଖର ରେଳ ଦୁର୍ଘଟଣା ଅତ୍ୟନ୍ତ ହୃଦୟ ବିଦାରକ । ପ୍ରଥମେ ଦୁର୍ଘଟଣା ଟି ଏତେ ବଡ ହେଇଥିବ ବୋଲି ମୁ ଭାବିନଥିଲି ।ସମୟ ଗଡିବା ସଙ୍ଗେ ଅନେକ ଲୋକ ଙ୍କ ମୃତ ସହିତ ସହସ୍ର ଲୋକଙ୍କ ଆହତ ଖବର ପାଇଥିଲି । ଜୁନ 3 ତାରିଖରେ ଅଫିସ ର ନିର୍ଦ୍ଦେଶ ରେ ବାହାରିଯାଇଥିଲୁ । ସେଠାରେ ନିଜ ଲୋକମାନଙ୍କୁ ଖୋଜୁଥିବା ପ୍ରିୟଜନମାନଙ୍କର ପରିସ୍ଥିତି ଅତ୍ୟନ୍ତ ଦୁଃଖଦାୟକ ଥିଲା । ସେଠାରେ ଆମେ 2 ଦିନ ରହିବା ଭିତରେ ଯେଉଁ ଲୋକମାନେ ନିଜର ସମ୍ପର୍କୀୟ ମାନଙ୍କୁ ଖୋଜି ପାଉନଥିଲେ ସେମାନଙ୍କୁ ଖୋଜିବାରେ ସହଯୋଗ କରୁଥିଲୁ। ହସ୍ପିଟାଲ ପକ୍ଷରୁ ଆହତ ମାନଙ୍କର ଏକ ଲିଷ୍ଟ ଆସିଥିଲା ଯାହାକି ଲୋକମାନଙ୍କୁ ସମ୍ପର୍କୀୟ ମାନଙ୍କୁ ଖୋଜିବାରେ ଅନେକ ସହଯୋଗ କରିଥିଲା। ଏଥି ସହିତ ସେମାନେ କିଛି ଖାଇବା ପିଇବା ପରିସ୍ଥିତି ରେ ନଥିବାରୁ ସେମାନଙ୍କୁ କିଛି ଫଳ ଓ ପାନୀୟ ମଧ୍ୟ ଦେଇଥିଲୁ । ଏତେ ବଡ଼ ରେଳ ଦୁର୍ଘଟଣା ମୋ ଜୀବନରେ ପ୍ରଥମ ଥର ପାଇଁ ଦେଖିଲି । ଏହି ଦୁର୍ଘଟଣାରେ ମୁଁ କିଛି ମାତ୍ରାରେ ଲୋକମାନଙ୍କର ସେବା କରି ପାରିଥିବାରୁ ନିଜକୁ ଧନ୍ୟମନେ କରୁଛି ।

**- ଦିପ୍ତୀମୟୀ ସାହୁ**

ମୁଁ ମୋ ଜୀବନରେ ପ୍ରଥମ ଥର ପାଇଁ ଏପରି ଘଟଣା ଦେଖିଲି ଯାହା ହୃଦୟ ବିଦାରକ ଥିଲା | ଦୁର୍ଘଟଣାର ପରଦିନ ସକାଳେ, ଆମେ ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କୁ ସେବା କରିବା ଏବଂ ସେଠାରେ ପରିବାର ସଦସ୍ୟଙ୍କୁ ସାହାଯ୍ୟ କରିବା ପାଇଁ ମାନ୍ୟବର ଆବାହକଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଅଭିମୁଖେ ବାହାରିଲୁ। ଯେତେବେଳେ ମୁଁ NOCCi ବିଜନେସ୍ ପାର୍କରେ ପହଞ୍ଚିଲି ସେଠାରେ ଚିହ୍ନଟ ପାଇଁ ମୃତଦେହ ରଖାଯାଇଥିଲା, ମୁଁ ଏତେ ସଂଖ୍ୟକ ଟ୍ରକ୍ ପୂର୍ଣ୍ଣ ମୃତଦେହ ଦେଖି ସ୍ତବ୍ଧ ହୋଇଗଲି । ଆମ ଟିମ୍ ର ସଦସ୍ୟମାନେ ମୃତଦେହକୁ ସ୍ଥାନାନ୍ତର କରିବାରେ ସାହାଯ୍ୟ କରିଥିଲେ। ପରଦିନ ଆମେ ପରିବାର ସଦସ୍ୟଙ୍କୁ ସେମାନଙ୍କ ପ୍ରିୟଜନମାନଙ୍କୁ ଖୋଜିବାରେ ସାହାଯ୍ୟ କରିବାକୁ ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲୁ | ସେଠାରେ ଏକ ଶୋକାକୂଳ ପରିବେଶ ଦେଖିବାକୁ ମିଳିଥିଲା । ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି କି ଏହିଭଳି ଏକ ଦିନ କାହା ଜୀବନରେ ନ ଆସୁ ।

**- ଆଶିଷ କୁମାର ଦାସ**





ପୁରୀ ସହାୟତା କେନ୍ଦ୍ରରେ ଓଡ଼ିଶା-ମୋ ପରିବାର ସଦସ୍ୟମାନେ


ଶ୍ରଦ୍ଧାଳୁମାନଙ୍କୁ ଭୋଜନ ପ୍ରଦାନ


ଶ୍ରଦ୍ଧାଳୁମାନଙ୍କୁ ଜଳ ଏବଂ ଓ.ଆର୍.ଏସ୍. ବଣ୍ଟନ

# ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସେବାରେ ଓଡ଼ିଶା-ମୋ ପରିବାର


ଶ୍ରଦ୍ଧାଳୁମାନଙ୍କୁ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା


ଅସହ୍ୟ ତାତିରୁ ଆଶ୍ୱାସନା ପାଇଁ ଜଳ ସିଞ୍ଚନ

# ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା

କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ, ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ମିଳିତ ଭାବରେ ଓଡ଼ିଶା ମୋ ପରିବାର ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ରେଫର୍ ହୋଇଥିବା କର୍କଟ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ଡାକ୍ତରଖାନାରେ କାଗଜପତ୍ର ପ୍ରକ୍ରିୟାରେ ସହାୟତା, ଚିକିତ୍ସା ପାଇଁ ଆଭ୍ୟନ୍ତରୀଣ ସମନ୍ୱୟ ରକ୍ଷା କରିବା ସହିତ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଡାକ୍ତରଖାନା ନିକଟରେ ସୁଲଭ ମୂଲ୍ୟରେ ରହିବା ପାଇଁ ବ୍ୟବସ୍ଥା କରାଇ ଦେଇଥାଏ ।

ସେମାନଙ୍କ ମଧ୍ୟରୁ, ସରୋଜ କୁମାର ସାହୁ, ବିଜୟ କୁମାର ଗୁମାନସିଂହ ଏବଂ ବିଦ୍ୟାନ୍ତ କୁମାର ଚରାଚି ଯଥାକ୍ରମେ ପେଟ, ରକ୍ତ ଏବଂ ଫୁସଫୁସ କର୍କଟରେ ପୀଡିତ ହୋଇଥିଲେ ।

ଗତ ଜୁନ୍ ମାସରେ ଓଡ଼ିଶା ମୋ ପରିବାର ୨୮ ଜଣ କର୍କଟ ରୋଗୀଙ୍କୁ ସହାୟତା ଯୋଗାଇ ଦେଇଥିଲା । ଯେଉଁମାନଙ୍କ ମଧ୍ୟରୁ ୧୧ ଜଣ କର୍କଟ ରୋଗୀଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ସହାୟତା ଯୋଗାଇ ଦିଆଯାଇଥିଲା ।

ମୁମ୍ବାଇର ଟାଟା ମେମୋରିଆଲ ହସ୍ପିଟାଲରେ ସେମାନଙ୍କୁ ନୂତନ ପଞ୍ଜୀକରଣ, ଡାକ୍ତରଙ୍କ ପରାମର୍ଶ ଏବଂ ଆବଶ୍ୟକ ପରୀକ୍ଷଣରେ ସାହାଯ୍ୟ କରାଯାଇଛି ଏବଂ ସେମାନଙ୍କର କେମୋଥେରାପି ଚାଲିଛି।ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ କାର୍ଯ୍ୟରତ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଛନ୍ତି ଏବଂ ସେମାନଙ୍କୁ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ।

## ଜୁନ୍ ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ



### ଗିରିଜା ଶଙ୍କର ଶତପଥୀ

ରାଜ୍ୟର ପ୍ରମୁଖ ଡାକ୍ତରଖାନା ଗୁଡ଼ିକରେ ଅବସ୍ଥାପିତ ହେଲ୍ପଡେସ୍କ ସହଯୋଗୀ ମାନେ ହେଉଛନ୍ତି ସଂଗଠନର ଆଗଧାଡ଼ିର କର୍ମଚାରୀ, ଯେଉଁମାନେ ଡାକ୍ତରଖାନା ଗୁଡିକରେ ଅଭାବୀ ଲୋକମାନଙ୍କୁ ସାହାଯ୍ୟ କରି ସଂଗଠନର ଆଭିମୁଖ୍ୟ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ହସ୍ପିଟାଲରେ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେବା ବ୍ୟତୀତ ସେମାନେ ରୋଗୀ ଏବଂ ତାଙ୍କ ପରିବାର ସଦସ୍ୟମାନଙ୍କୁ ସେମାନଙ୍କ କଠିନ ସମୟରେ ନୈତିକ ସହାୟତା ପ୍ରଦାନ କରନ୍ତି ।

ବ୍ରହ୍ମପୁର ଏମ୍.କେ.ସି.ଜି.ରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଗିରିଜା ଶଙ୍କର ଶତପଥୀଙ୍କୁ କର୍ମକ୍ଷେତ୍ରରେ ତାଙ୍କର ନିଷ୍ଠାପରତା ଏବଂ ସମୟାନୁବର୍ତ୍ତିତା ପାଇଁ ଗତ ମାସର "ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ" ଭାବରେ ବିବେଚିତ କରାଯାଇଛି।

| | | |
|---|---|---|
| ୪୮ | ୧୪ | ୦୬ |
| ଜଣ ରୋଗୀଙ୍କୁ ସହାୟତା ପ୍ରଦାନ | ୟୁନିଟ୍ ରକ୍ତ ଯୋଗାଣ | ୟୁନିଟ୍ ବିରଳ ରକ୍ତ ଯୋଗାଣ |

# ଜୀବନବିନ୍ଦୁ ରକ୍ତଦାନ ଶିବିର



ଯାଜପୁର



କଟକ



ଗଞ୍ଜାମ




ମୟୂରଭଞ୍ଜ



ଭୁବନେଶ୍ୱର




ଖୋର୍ଦ୍ଧା



ଅନୁଗୋଳ




ବାଲେଶ୍ୱର

# ଜୀବନବିନ୍ଦୁ ରକ୍ତଦାନ ଶିବିର




ସୁନ୍ଦରଗଡ଼



ବରଗଡ଼




ରାଉରକେଲା



ସମ୍ବଲପୁର



କେନ୍ଦ୍ରାପଡ଼ା



ନୂଆପଡ଼ା



ସୁବର୍ଣ୍ଣପୁର




ଦେବଗଡ଼

# ସାମାଜିକ ଗଣମାଧ୍ୟମରେ ଓଡ଼ିଶା-ମୋ ପରିବାର

**Biju Janata Dal**
@bjd_odisha · Follow

ବାହାନଗା ଟ୍ରେନ ଦୁର୍ଘଟଣାର ଜଟିଳ ସମୟରେ ନିଜ ପରିବାର ସଦସ୍ୟଙ୍କ ଭଳି ଲୋକଙ୍କ ପାଖରେ ପହଞ୍ଚିଛି @MoOdishaParivar। ଲୋକଙ୍କ ସୁବିଧା ପାଇଁ ସହାୟତା କେନ୍ଦ୍ର ଖୋଲାଯାଇଥିବା ବେଳେ ଅସହାୟ ବ୍ୟକ୍ତି, ଉଦ୍ଧାରକାରୀ ଦଳଙ୍କ ସହ ବିଭିନ୍ନ ସେବାରେ ନିୟୋଜିତ ଲୋକଙ୍କୁ ଖାଦ୍ଯ ବଣ୍ଟନ କରାଯାଇଛି।

#OdishaCares



8:18 PM · Jun 4, 2023

137 Reply Share

Read 3 replies

**Biju Janata Dal**
@bjd_odisha · Follow

ଦୁର୍ଘଟଣାର ଶିକାର ହୋଇ ନିଜର ଏକ ଗୋଡ଼ ହରାଇଥିବା କେନ୍ଦ୍ରାପଡ଼ାର ଯୁବକ ତାପସ ଦାସଙ୍କୁ @MoParivarOdisha ପକ୍ଷରୁ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଛି। ଏହି ସହାୟତା ତାଙ୍କ ଜୀବନରେ ନୂଆ ଉତ୍ସାହ ଭରିବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଛି। #OdishaCares




3:01 PM · Jun 14, 2023

62 Reply Share

Read 1 reply

**Biju Janata Dal**
@bjd_odisha · Follow

ଚିକିତ୍ସିତ ଅବସ୍ଥାରେ ଗଞ୍ଜାମ ଓ ଜଗତସିଂହପୁରର ଦୁଇ ଜଣ ବ୍ୟକ୍ତିଙ୍କ ଦେହାନ୍ତ ପରେ ମୃତକଙ୍କ ପାର୍ଥିବ ଶରୀରକୁ @MoParivarOdisha ପକ୍ଷରୁ ସେମାନଙ୍କ ଗ୍ରାମକୁ ପଠାଯାଇଛି। ଏଥିସହ ଅଙ୍ଗଦାନ ଜରିଆରେ ମହତ ବାର୍ତ୍ତା ଦେଇଥିବା ଭୁବନେଶ୍ୱରର ପ୍ରସନ୍ନଜିତଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଓଡ଼ିଶା-ମୋ ପରିବାରର ଏହି କାର୍ଯ୍ୟ ସେବାର ମହତ... Show more


'ଓଡ଼ିଶା-ମୋ ପରିବାର' ସହଯୋଗରେ ୨ ମୃତଦେହ ସ୍ଥାନାନ୍ତର

ଅଙ୍ଗଦାନ କରିଥିବା ପ୍ରସନ୍ନଜିତ୍‌ଙ୍କ ଅନ୍ତିମ ସଂସ୍କାର କଲା 'ଓଡ଼ିଶା-ମୋ ପରିବାର'

12:59 PM · Jun 27, 2023

97 Reply Share

Read 7 replies

**Biju Janata Dal**
@bjd_odisha · Follow

ପୁରୀ ରଥଯାତ୍ରାରେ ସେବାକୁ ବ୍ରତ କରି ଶ୍ରଦ୍ଧାଳୁଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ @MoParivarOdisha ର ସଦସ୍ୟମାନେ। ବଡ଼ଦାଣ୍ଡରେ ସମସ୍ତଙ୍କ ପାଇଁ ଅନ୍ନଦାନ, ପାନୀୟ ଓ ଜଳ ସିଞ୍ଚନର ବ୍ୟବସ୍ଥା କରି 'ଓଡ଼ିଶା ମୋ ପରିବାର' ମୁଖ୍ୟମନ୍ତ୍ରୀଙ୍କ ସେବା ମନ୍ତ୍ରକୁ ସଫଳ କରୁଛି।

#RathaJatra2023 #ରଥଯାତ୍ରା୨୦୨୩



5:04 PM · Jun 20, 2023

141 Reply Share

Read 7 replies

# ପ୍ରମୁଖ ଖବରକାଗଜରେ ଓଡ଼ିଶା-ମୋ ପରିବାର

ସମାଜ

## ତାପସଙ୍କୁ ମିଳିଲା ନୂଆ ଜୀବନ, ସାହା ହେଲା 'ଓଡ଼ିଶା-ମୋ ପରିବାର'



ଭୁବନେଶ୍ୱର,୨୩।୬(ନି.ପ୍ର): ଦୁର୍ଘଟଣାଗ୍ରସ୍ତ ତାପସ ଦାସଙ୍କ ଜୀବନରେ ଯୋଡ଼ି ଅସିଥିବା ଅନ୍ଧକାରକୁ ଦୂର କଲା ଓଡ଼ିଶା-ମୋ ପରିବାର। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ୨୯-ବର୍ଷୀୟ ଯୁବକ ତାପସ ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ମେକାନିକ୍ ଭାବେ କାମ କରୁଥିଲେ। ୨୦୧୪ ମସିହାରେ ସେ ଏକ ଦୁର୍ଘଟଣାର ଶିକାର ହୋଇ ତାଙ୍କର ଗୋଡ଼ ଅପରେସନ କରାଯାଇଥିଲେ। ତାଙ୍କୁ ଏକ କୃତ୍ରିମ ଗୋଡ଼ ଯୋଗାଇ ଦେବା ପାଇଁ ସେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଅନୁରୋଧ କରିଥିଲେ। ଶ୍ରୀ ନାୟକ ଏହି ବିଷୟକୁ ଗୁରୁତ୍ୱ ଦେଇ ଘଟଣା ସମ୍ପର୍କରେ ତଦାରଖ କରିବା ପାଇଁ ଓଡ଼ିଶା-ମୋ ପରିବାରକୁ ସୂଚନା ଦେଇଥିଲେ। ପରେ ତୁରନ୍ତ ପଦକ୍ଷେପ ନିଆଯାଇ ତାଙ୍କୁ କାପିଟାଲ ହସ୍ପିଟାଲ ପରିସରରେ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି ମାଗଣାରେ ଏକ କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଛି। କୃତ୍ରିମ ଗୋଡ଼ ପ୍ରଦାନ କରାଯିବା ସମୟରେ ମନ୍ତ୍ରୀ ଶ୍ରୀ ନାୟକଙ୍କ ସମେତ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାର ମୁଖ୍ୟ ସମ୍ପାଦକ ତୁଷାରକାନ୍ତି ସାମନ୍ତରାୟ, ଓ ରଞ୍ଜିତ ରାଉ ଏବଂ ପ୍ରବାସୀ ଓଡ଼ିଆ ଉପଦେଷ୍ଟା ସୁରେନ୍ଦ୍ରନାଥ ମହାପାତ୍ର, ଓଡ଼ିଶା-ମୋ ପରିବାର ପ୍ରମୁଖ ଉପସ୍ଥିତ ଥିଲେ।

ସମ୍ବାଦ

## ଓଡ଼ିଶା ମୋ ପରିବାରର ସହାୟତା କେନ୍ଦ୍ର

କଟକ, ୫।୬(ଇମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି କଟକ ଜିଲ୍ଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ସହଯୋଗରେ ବାହାନଗା ଟ୍ରେନ ଦୁର୍ଘଟଣାରେ ଆହତ ବ୍ୟକ୍ତି ଓ ସେମାନଙ୍କ ସମ୍ପର୍କୀୟଙ୍କୁ ସହଯୋଗ କରିବା ପାଇଁ ଓଡ଼ିଶା ମୋ ପରିବାର ପକ୍ଷରୁ କଟକ ବଡ ମେଡିକାଲରେ ସହାୟତା କେନ୍ଦ୍ର ଖୋଲା ଯାଇଛି। ଏହି କେନ୍ଦ୍ର ଜରିଆରେ ଅସହାୟ ବ୍ୟକ୍ତି, ଉଦ୍ଧାରକାରୀ ଦଳଙ୍କ ସହ ବିଭିନ୍ନ ସେବାରେ ନିୟୋଜିତ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି। ପୂର୍ବତନ ବିଧାୟକ ଡକ୍ଟର ପ୍ରଭାତରଂଜନ ବିଶ୍ୱାଳ ଓ ଓଡ଼ିଶା ମୋ ପରିବାର କଟକ ସିଟି ସଂଯୋଜକ ଡକ୍ଟର ରଞ୍ଜନ ବିଶ୍ୱାଳ ଏହାକୁ ପରିଚାଳନା କରୁଥିବା ବେଳେ ଶିବିରରେ ବିକ୍ରମ ଛାଟୋଇ, ସନ୍ଦୀପ ରଥ, ସନ୍ତୋଷ ଦାସ, ବିକାଶ ବେହେରା, ପ୍ରମୋଦ ଜେନା, ସୌମ୍ୟ ପ୍ରଧାନ, ଆଶିଷ ବେହେରା, ଅଶୋକ ପ୍ରଧାନ, ଟିଙ୍କିନା ବେହେରା ପ୍ରମୁଖ ସହଯୋଗ କରୁଛନ୍ତି।

ସକାଳ THE SAKALA

## 'ଓଡ଼ିଶା ମୋ ପରିବାର' ପକ୍ଷରୁ ରକ୍ତଦାନ



ଭୁବନେଶ୍ୱର,୬।୬(ସମିସ):ବାହାନଗା ରେଳ ଦୁର୍ଘଟଣାରେ ଆହତଙ୍କ ପାଇଁ 'ଓଡ଼ିଶା ମୋ ପରିବାର' ତରଫରୁ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଭୁବନେଶ୍ୱର ସ୍ଥିତ ଓକାକ୍ କ୍ୟାମ୍ପସରେ ସିଏସଏମ୍ ଟେକନିଲଜି ଲିମିଟେଡ୍ ସହଯୋଗରେ ହୋଇଥିଲା। ଏହି ଶିବିରକୁ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଉଦଘାଟନ କରିଥିବାବେଳେ ଶିବିରରେ ୧୨୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏନେଇ ଜୀବନ ବିନ୍ଦୁ ସଂଯୋଜକ ଡ. ପ୍ରକାଶ ତ୍ରିପାଠୀ ସୂଚନା ଦେଇଛନ୍ତି। ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଦେବେଶ ଦାସ, ବାଣୀବିହାର ଛାତ୍ର ନେତା ସୌମ୍ୟ ରଞ୍ଜନ ପ୍ରଧାନ, ଦିନବନ୍ଧୁ ପତି, ଅନନ୍ତ ରୋଷ୍ଟୀ, ପ୍ରକାଶ ଦାସ, ସରୋଜ ବେହେରା ପୂର୍ଣ୍ଣ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଧରିତ୍ରୀ DHARITRI



ବାଲେଶ୍ୱର ଜିଲା ବାହାନଗା ଷ୍ଟେସନରେ ରେଳ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ରକ୍ତର ଆବଶ୍ୟକତାକୁ ନେଇ ସିଏମ୍‌ସି ୨୪ନଂ. ୱାର୍ଡ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିର।

ସକାଳ THE SAKALA

## ସାଉଦିରୁ ଅଭିମନ୍ୟୁଙ୍କୁ ଫେରାଇ ଆଣିଲା 'ଓଡ଼ିଶା-ମୋ ପରିବାର'

ଭୁବନେଶ୍ୱର,୨୩।୬(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ... ଅଭିମନ୍ୟୁ ସାମନ୍ତରାୟ ଗତ ୬ ମାସ ତଳେ ନିଜର ପରିବାର ପ୍ରତିପୋଷଣ ଉଦ୍ଦେଶ୍ୟରେ ସାଉଦି ଆରବ ଯାଇଥିଲେ। ସେଠାରେ ଜଣେ ମାଲିକଙ୍କ ବୁଲଡୋଜର ଡ୍ରାଇଭର ଭାବେ କାମ କରୁଥିଲେ। ...



... ଓଡ଼ିଶା-ମୋ ପରିବାର' ଏବଂ ଭ୍ରମଣରେ ... ପ୍ରତିନିଧି ... ବାହାରିଲେ ... ଓଡ଼ିଶା ଫେରିବା ପାଇଁ ... ଅଭିମନ୍ୟୁଙ୍କୁ ଓଡ଼ିଶା ଫେରାଇ ଆଣିବା ପାଇଁ ଚେଷ୍ଟା କରିଥିଲେ। ... ଏବଂ 'ଓଡ଼ିଶା-ମୋ ପରିବାର' ... ଶେଷରେ ... ପରେ 'ଓଡ଼ିଶା-ମୋ ପରିବାର' ଅଭିମନ୍ୟୁଙ୍କୁ ଓଡ଼ିଶା ଫେରାଇ ଆଣିବାକୁ ସକ୍ଷମ ହୋଇପାରିଛି। ଅଭିମନ୍ୟୁ ଓଡ଼ିଶା ଫେରିବା ପରେ ତାଙ୍କ ପରିବାର ଏବେ ଖୁସି ହୋଇପାରିଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀ ଏବଂ 'ଓଡ଼ିଶା-ମୋ ପରିବାର'କୁ ଧନ୍ୟବାଦ ଜଣାଇଛନ୍ତି।

ପ୍ରଗତିବାଦୀ

## ଓଡ଼ିଶା ମୋ ପରିବାରର ସହାୟତା କେନ୍ଦ୍ର




ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ ଆହତ ହୋଇଥିବା ଯାତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ମୋ ପରିବାର ପକ୍ଷରୁ ସହାୟତା କେନ୍ଦ୍ର ଖୋଲାଯାଇଛି। କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କ ସହଯୋଗରେ ଖୋଲାଯାଇଥିବା ସହାୟତା କେନ୍ଦ୍ରରେ ଅସହାୟ ବ୍ୟକ୍ତି, ଉଦ୍ଧାରକାରୀ ଦଳଙ୍କ ସହ ବିଭିନ୍ନ ସେବାରେ ନିୟୋଜିତ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି। ଏହି ଶିବିରକୁ ଓଡ଼ିଶା ମୋ ପରିବାର କଟକ ନଗର ସଂଯୋଜକ ରଞ୍ଜନ ବିଶ୍ୱାଳ ପରିଚାଳନା କରୁଛନ୍ତି। ଶିବିରରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ। ଜଗତଜ୍ୟୋତି ପଟ୍ଟନାୟକ, ପ୍ରସନ୍ନଜିତ ସ୍ୱାଇଁ, ବିକ୍ରମ ଛାଟୋଇ, ସନ୍ଦୀପ ରଥ, ସନ୍ତୋଷ ଦାସ, ବିକାଶ ବେହେରା, ପ୍ରମୋଦ ଜେନା, ସୌମ୍ୟ ପ୍ରଧାନ, ଆଶିଷ ବେହେରା, ଅଶୋକ ପ୍ରଧାନ, ଟିଙ୍କିନା ବେହେରା ପ୍ରମୁଖ ସହଯୋଗ କରିଥିଲେ। (କଟକ ସିଟି ଡେସ୍କ)

ପ୍ରମେୟ THE PRAMEYA

## ଓଡ଼ିଶା ମୋ ପରିବାର କଟକ ସିଟିକୁ ସମ୍ବର୍ଦ୍ଧନା




କଟକ,୧୪।୬(ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାହାନଗା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ପାଇଁ ରକ୍ତ ଆବଶ୍ୟକ ଥିଲା। ଏହି ସମୟରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ରକ୍ତଦାନ କରାଯାଇଥିଲା। ସେହିକ୍ରମରେ ଓଡ଼ିଶା ମୋ ପରିବାର କଟକ ସିଟି ପକ୍ଷରୁ ମଧ୍ୟ ଆବଶ୍ୟକତା ଅନୁସାରେ ରକ୍ତଦାନ କରାଯାଇଥିଲା। ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଜି ବିଶ୍ୱ ରକ୍ତଦାତା ଦିବସ ଅବସରରେ ସେଣ୍ଟ୍ରାଲ୍ ରେଡକ୍ରସ୍ ବ୍ଲଡ୍ ବ୍ୟାଙ୍କ ପକ୍ଷରୁ ଓଡ଼ିଶା ମୋ ପରିବାର କଟକ ସିଟି ସଂଯୋଜକ ରଞ୍ଜନ ବିଶ୍ୱାଳ ଓ ତାଙ୍କ ଟିମ୍‌କୁ ସମ୍ବର୍ଦ୍ଧିତ କରାଯାଇଛି।

# ଇଲେକ୍ଟ୍ରୋନିକ୍ ଏବଂ ଡିଜିଟାଲ୍ ଗଣମାଧ୍ୟମରେ ଓଡ଼ିଶା-ମୋ ପରିବାର















## ତାପସଙ୍କୁ ମିଳିଲା ନୂଆ ଜୀବନ

ସାହା ହେଲା ଓଡ଼ିଶା-ମୋ ପରିବାର

by Our Correspondent — 13 Jun 2023 - 09:22 PM in Latest News, News 1 min read 0






ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ଯୋଗାଇଲା ଓଡ଼ିଶା-ମୋ ପରିବାର ||Sunstartv||

## ମୃତ ସ୍ୱାମୀଙ୍କ ଅଙ୍ଗଦାନ କରି ଅନନ୍ୟ ଉଦାହରଣ ସୃଷ୍ଟି କଲେ ସ୍ତ୍ରୀ

27 JUNE 2023 HITS: 102 RATING

- ଡାକ୍ତରଙ୍କ ଦ୍ୱାରା ତୁରନ୍ତ ସଫଳ ଅଙ୍ଗ ପ୍ରତିରୋପଣ
- ଯାତାୟାତ ସହାୟତା ପ୍ରଦାନ କରି ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କଲା ଓଡ଼ିଶା-ମୋ ପରିବାର



# ଆପଣଙ୍କ ମୁହଁରୁ

"ମୋ ଭାଇ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଜରୁରୀ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସନ୍ତୋଷଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ଯିଏକି ହସ୍ପିଟାଲରେ ମୋତେ ଆବଶ୍ୟକୀୟ ସହାୟତା ଯୋଗାଇବା ସହିତ ଜରୁରୀକାଳିନ ସମୟରେ ରକ୍ତ ଯୋଗାଡ଼ କରି ଦେଇଥିଲେ ।



**ଅମିତ ଦାସ**
ବାଲେଶ୍ୱର, ୭୯୭୮୫୨୯୮୮୧

"ମୋ ବାପା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ବିଶାଖାପାଟଣାସ୍ଥିତ ଇଣ୍ଡସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ହସ୍ପିଟାଲରେ ମୋ ବାପାଙ୍କ ଚିକିତ୍ସା ଆରମ୍ଭରୁ ଡିସ୍ଚାର୍ଜ ହେବା ପର୍ଯ୍ୟନ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।



**ମାନା ବାଜିଙ୍ଗ**
କୋରାପୁଟ, ୮୨୪୯୩୭୭୭୨୭

"ମୋର ଜଣେ ସମ୍ପର୍କୀୟ ସାପ କାମୁଡ଼ାରେ ଆହତ ହୋଇ ଚିକିତ୍ସା ନିମନ୍ତେ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଗିରିଜାଙ୍କୁ ଧନ୍ୟବାଦ ଜଣାଉଛି, ଯିଏକି ମୋ ସମ୍ପର୍କୀୟଙ୍କୁ ହସ୍ପିଟାଲରେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ ।



**ଚିତ୍ରସେନ ମହାପାତ୍ର**
ବ୍ରହ୍ମପୁର, ୯୭୭୬୮୪୬୪୦୪

"ମୋ ସ୍ତ୍ରୀ' ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ତାଙ୍କ ଚିକିତ୍ସା ଚାଲିଥିବା ସମୟରେ ଜରୁରୀ ବିରଳ ରକ୍ତର ଆବଶ୍ୟକତା ଥିଲା, ଯାହା ମୁଁ ଯୋଗାଡ଼ କରି ପାରିନଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସନ୍ଦୀପ ରଥଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏକି ଉପଯୁକ୍ତ ସମୟରେ ରକ୍ତ ଯୋଗାଡ଼ କରି ଦେଇଥିଲେ ।



**ଏସ୍.କେ ରାଜା**
କଟକ, ୯୪୩୭୩୧୪୨୦୨

"ମୋ ମା' କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଅର୍ଥ ଅଭାବରୁ, ମୁଁ ତାଙ୍କ ମୃତଦେହ ମୋ ଘରକୁ ନେବା ପାଇଁ ଅସମର୍ଥ ଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବୈକୁଣ୍ଠଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ଯିଏକି ମୋ ମା'ଙ୍କ ମୃତଦେହ ମୋ ଘରକୁ ଫେରାଇ ନେବା ପାଇଁ ଯାତାୟାତ ବ୍ୟବସ୍ଥା କରିଥିଲେ ।



**ନବ ଅମାନତ୍ୟ**
ନବରଙ୍ଗପୁର, ୭୦୭୭୯୧୦୩୮୨

"ମୁଁ ମୋ ଭଉଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ଭୁବନେଶ୍ୱରସ୍ଥିତ ଏମ୍ସ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ସୋମନାଥଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି । ଯିଏକି, ହସ୍ପିଟାଲରେ ଡାକ୍ତରଙ୍କ ପରାମର୍ଶ ନେବା ଠାରୁ ଆରମ୍ଭ କରି ଔଷଧ କାଉଣ୍ଟରରୁ ଔଷଧ ପାଇବା ପର୍ଯ୍ୟନ୍ତ ସହାୟତା ଯୋଗାଇ ଦେଇଥିଲେ ।



**ଶୁଭ ମହାରଣା**
ମୟୂରଭଞ୍ଜ, ୮୧୪୪୩୬୪୫୪୪

"ମୁଁ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ କ୍ୟାପିଟାଲ ହସ୍ପିଟାଲ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଜ୍ୟୋତିଙ୍କୁ ଧନ୍ୟବାଦ ଜଣାଉଛି, ଯିଏକି ହସ୍ପିଟାଲରେ ଡାକ୍ତରଙ୍କ ପରାମର୍ଶ ନେବା ଠାରୁ ଆରମ୍ଭ କରି ଔଷଧ କାଉଣ୍ଟରରୁ ଔଷଧ ପାଇବା ପର୍ଯ୍ୟନ୍ତ ସହାୟତା ଯୋଗାଇ ଦେଇଥିଲେ।



**ଗିରିଧାରୀ ସ୍ୱାଇଁ**
ପୁରୀ, ୯୦୭୮୨୯୨୬୨୬

"ମୁଁ ମୋର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ବିଶ୍ୱଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି । ଯିଏକି, ହସ୍ପିଟାଲରେ ଡାକ୍ତରଙ୍କ ପରାମର୍ଶ ନେବା ଠାରୁ ଆରମ୍ଭ କରି ଔଷଧ କାଉଣ୍ଟରରୁ ଔଷଧ ପାଇବା ପର୍ଯ୍ୟନ୍ତ ସହାୟତା ଯୋଗାଇ ଦେଇଥିଲେ ।



**ଅକ୍ଷରି ପରିଡ଼ା**
ପୁରୀ, ୮୯୨୬୨୩୮୪୫୭

"ମୁଁ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଚିକିତ୍ସା ନିମନ୍ତେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ହିମାଂଶୁଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି । ଯିଏକି, ହସ୍ପିଟାଲରେ ମୋତେ ଜରୁରୀକାଳୀନ ଚିକିତ୍ସା ପାଇବାରେ ସାହାଯ୍ୟ କରିବା ସହିତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।



**ଜିତେନ୍ଦ୍ର ମଙ୍ଗରାଜ**
କଳାହାଣ୍ଡି, ୯୯୩୮୨୫୭୯୩୩

"ମୋର ଚର୍ମ ରୋଗ ହୋଇଥିବାରୁ ମୁଁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲକୁ ଯାଇଥିଲି । ମୁଁ ହସ୍ପିଟାଲର ସମସ୍ତ ପ୍ରକ୍ରିୟା ବିଷୟରେ ଅଜ୍ଞ ଥିବାରୁ କିଛି ଜାଣି ପାରୁନଥିଲି । ହେଲ୍ପଡ଼େସ୍କ ସହଯୋଗୀ ଶୁଭମ ଭଞ୍ଜଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି ସମସ୍ତ ପ୍ରକାର ସାହାଯ୍ୟ କରିଦେଇଥିଲେ ।



**ନିର୍ମଳୀ ମହାକୁଡ଼**
ମୟୂରଭଞ୍ଜ, ୭୦୦୮୭୭୧୩୯୫

## ଓଡ଼ିଶା-ମୋ ପରିବାର କାର୍ଯ୍ୟକ୍ରମ

# ଯୋଗାଯୋଗ ପାଇଁ ଜରୁରୀ ନମ୍ବର

### ଚକ୍ଷୁ ପରୀକ୍ଷା ଶିବିର

ଚକ୍ଷୁ ପରୀକ୍ଷା ଶିବିର କରିବା ଏବଂ ମୋତିଆବିନ୍ଦୁ ସମସ୍ୟାଥିବା ବ୍ୟକ୍ତିଙ୍କ ପାଇଁ ମାଗଣା ଅସ୍ତ୍ରୋପଚାର କରିବାରେ ସାହାଯ୍ୟ କରିବା

ମନସ୍ୱିନୀ ଦାଶ 8917400700
ଶ୍ରଦ୍ଧା ସୁଚିସ୍ମିତା 7978260364

### କୃତ୍ରିମ ଅଙ୍ଗ ପ୍ରଦାନ

ଅଭାବୀ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେବାରେ ସହାୟତା

ମନସ୍ୱିନୀ ଦାଶ 8917400700

### ଅଙ୍ଗଦାନ

NOTTO (ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍) ର ସହଯୋଗରେ ଅଙ୍ଗଦାନ ଶିବିର ଆୟୋଜନ କରିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

### ଜୱାନଙ୍କୁ ସହାୟତା

ପ୍ରତିରକ୍ଷା ସେବା ତଥା ରାଜ୍ୟ ବାହାରେ ପୋଷ୍ଟିଂ ହୋଇଥିବା ସାମରିକ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମ୍ମୁଖୀନ

ବର୍ଷା ରାଉତରାୟ 8260112415
ଶ୍ରଦ୍ଧା ସୁଚିସ୍ମିତା 7978260364

### ପରିବେଶ ସୁରକ୍ଷା

ବୃକ୍ଷରୋପଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନା

ବର୍ଷା ରାଉତରାୟ 8260112415

### ଦିବ୍ୟାଙ୍ଗ ଶିଶୁମାନଙ୍କୁ ସହାୟତା

୩ ରୁ ୧୪ ବର୍ଷର ଦିବ୍ୟାଙ୍ଗ ଶିଶୁମାନଙ୍କୁ SIEP ରେ ଚିକିତ୍ସାର ବ୍ୟବସ୍ଥା କରାଇଦେବା

ମାନସୀ ରାୟ 9078151969
ଶ୍ରଦ୍ଧା ସୁଚିସ୍ମିତା 7978260364

### ବୃତ୍ତିଗତ ପରାମର୍ଶ ଓ ଦିଗଦର୍ଶନ

ବୃତ୍ତିଗତ ସୁଯୋଗ କ୍ଷେତ୍ରରେ ଆଶାୟୀ ଯୁବକ ଯୁବତୀମାନଙ୍କୁ ପରାମର୍ଶ ଓ ଦିଗ୍-ଦର୍ଶନ ପ୍ରଦାନ କରିବା

ବର୍ଷା ରାଉତରାୟ 8260112415
ମନସ୍ୱିନୀ ଦାଶ 8917400700

### ଡିପୋଜିଟାରୀ

ଓଡ଼ିଶା-ମୋ ପରିବାର ଅନୁକୂଲ୍ୟରେ ଆୟୋଜନ ହେଉଥିବା କାର୍ଯ୍ୟକ୍ରମର ଗୁଡ଼ିକର ଫଟୋ ଏବଂ ଭିଡ଼ିଓ ପଠାଇବା ପାଇଁ

ବିଭୂତି କୁମାର ଭୋଇ 9040458180



## ପ୍ରବାସୀଙ୍କୁ ସହାୟତା

ପ୍ରବାସୀ ମାନଙ୍କ ବୟସ୍କ ମାତାପିତା ତଥା ପିଲାମାନଙ୍କର ହଠାତ୍ ସ୍ୱାସ୍ଥ୍ୟଗତ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସମସ୍ୟାରେ ଆମ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ସହାୟତା ପ୍ରଦାନ

ମନସ୍ୱିନୀ ଦାଶ 8917400700 | ମାନସୀ ରାୟ 9078151969

## ବି.ଏସ.କେ.ୱାଇ

ପଞ୍ଜିକୃତ ହୋଇଥିବା ହସ୍ପିଟାଲଗୁଡ଼ିକ ସହିତ ସଂଯୋଜନା ଏବଂ ବୈଷୟିକ ତ୍ରୁଟିରୁ ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ କରି BSKY ରେ ଚିକିତ୍ସା ପାଇବାକୁ ଯୋଗ୍ୟ ହିତାଧିକାରୀମାନଙ୍କୁ ସାହାଯ୍ୟ ।

ସୁବ୍ରତ ପାତିକା 9937699051 | ମାନସୀ ରାୟ 9078151969

## Health Care

### ପ୍ରମୁଖ ଡାକ୍ତରଖାନାରେ ହେଲ୍ପଡେସ୍କ

**ଏସ୍.ସି.ବି.ମେଡ଼ିକାଲ, କଟକ**
ସନ୍ଦୀପ ରଥ - ୯୭୭୮୭୭୪୭୭୭
ସନ୍ତୋଷ କୁମାର ଦାସ - ୯୮୬୧୭୦୮୭୨୫

**କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର**
ଆଲୋକ ରଞ୍ଜନ ସାହୁ - ୮୧୧୪୮୨୨୦୮୫
ଜ୍ୟୋତିରଞ୍ଜନ ପ୍ରଧାନ- ୯୮୬୧୩୦୬୦୯୬

**ସମ୍ ହସ୍ପିଟାଲ, ଭୁବନେଶ୍ୱର**
ଶିବ ପ୍ରସାଦ ରାଉତ - ୭୯୭୮୭୩୬୪୩୧

**ଏମସ୍, ଭୁବନେଶ୍ୱର**
ସୋମନାଥ ସ୍ୱାଇଁ - ୭୨୦୫୭୪୩୫୦୭

**ହାଇ-ଟେକ୍ ମେଡ଼ିକାଲ, ଭୁବନେଶ୍ୱର**
ବିକାଶ ବେହେରା - ୬୩୭୧୯୬୩୮୯୭

**ଡି.ଏଚ୍.ଏଚ୍. ଭବାନୀପାଟଣା**
ରୋଜାଲିନ ପଣ୍ଡା - ୭୭୪୯୦୩୦୪୭୦
ହିମାଂଶୁ ନାୟକ - ୯୧୭୮୭୨୧୧୯୭

**ଏସ୍.ଏଲ୍.ଏନ୍.ଏମ୍.ସି.ଏଚ୍., କୋରାପୁଟ**
ବୈକୁଣ୍ଠ ମଣ୍ଡଳ- ୮୭୬୩୭୩୦୫୮୭

**ଏମ୍.କେ.ସି.ଜି. ବ୍ରହ୍ମପୁର**
ଗିରିଜା ଶଙ୍କର ସତପଥୀ-୯୭୭୬୮୭୮୪୮୩

**ଭିମସାର, ବୁର୍ଲା**
ଧିରେନ୍ଦ୍ର ସୁନା- ୮୦୧୮୭୬୧୦୬୦

**ଡି.ଏଚ୍.ଏଚ୍., ପୁରୀ**
ବିଶ୍ୱ ଭୂଷଣ ମହାନ୍ତି- ୯୩୩୭୬୦୦୭୭୫

**ବିଶାଖାପାଟଣା**
ପ୍ରକାଶ ବେହେରା-୯୭୦୧୯୯୪୮୬୮

**ଏଫ୍.ଏମ୍.ଏମ୍.ସି.ଏଚ୍.,ବାଲେଶ୍ୱର**
ମୃତ୍ୟୁଞ୍ଜୟ ମହାରଣା-୭୯୭୮୫୬୨୩୬୫

**ପି.ଆର୍.ଏମ୍.ଏମ୍.ସି.ଏଚ୍, ବାରିପଦା**
ଶୁଭମ୍ ଭଞ୍ଜ - ୮୯୧୭୩୬୧୫୪୫

**ଅଫିସ୍ ସଂଯୋଜକ**
ମନସ୍ୱିନୀ ଦାଶ - 8917400700

## ଜୀବନବିନ୍ଦୁ

ଅଭାବୀ ରୋଗୀଙ୍କୁ ବିରଳ ଗ୍ରୁପ୍ ରକ୍ତ ଯୋଗାଇବା ସହିତ ରକ୍ତଦାନ ସମ୍ବନ୍ଧୀୟ ବ୍ୟାପାର

ରଜତ ଅଗ୍ରୱାଲ 9437067999 | ଚିତ୍ତ ରଂଜନ ମିଶ୍ର 8917400701

## ଏସ୍ ଓ ଏସ୍ (SOS)

ଅସହାୟ ଲୋକଙ୍କ ଜରୁରୀ କଲ୍ ପାଇ ସେମାନଙ୍କ ପାଖରେ ପହଞ୍ଚିବା

ମନସ୍ୱିନୀ ଦାଶ 8917400700 | ମାନସୀ ରାୟ 9078151969

## କ୍ୟାନସର ରୋଗୀଙ୍କୁ ସହାୟତା

କ୍ୟାନସର ରୋଗୀମାନଙ୍କୁ ସ୍ଥାନୀୟ ଏବଂ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାପାଇଁ ସଂଚାଳନ କରିବା

ଦେବଶ୍ରୀ ଦାସ 7504986342 | ରଜତ ଅଗ୍ରୱାଲ 9437067999

## ସହାୟତା ପାଇଁ ଟୁଇଟ୍

ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ ଯଥାସମ୍ଭବ ପ୍ରୟାସ

ମନସ୍ୱିନୀ ଦାଶ 8917400700